## ବ୍ୟାଙ୍କରେ ଚାକିରି ଦେବା କହି ଠକେଇ

ବାରିପଦା,୧୩ା୧୧(ସମିସ): ବ୍ୟାଙ୍କରେ ଚାକିରି କରାଇ ଦେବା କହି ଠକେଇ ନେଇ ବେତନଟୀ ଥାନା ଅଧୀନ ଛୋଟରାୟପୁର ଗ୍ରାମର ସୁବାଷ ଚନ୍ଦ୍ର ବେହେରା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ମୋରଡା ଥାନା ଅଧୀନ ପଳାସମୁଣ୍ଡୁଳି ଗ୍ରାମର ସଞ୍ଜୁଲା ଦେଓବାବୁ ନିଜକୁ ବାରିପଦାସ୍ଥିତ ଏକ ବ୍ୟାଙ୍କର ପରିଚାଳକ ବୋଲି ପରିଚୟ ଦେଇଥିଲେ। ଚାକିରି କରାଇ ଦେବା ବାହାନାରେ ତାଙ୍କ ସାନ ଭାଇ ଶ୍ରୀନିବାସ ବେହେରାଙ୍କ ଦସ୍ତାବିଜଗୁଡ଼ିକ ନେଇଥିଲେ। ଏଥି ସହିତ ଗତ ୨୬ ଅଗଷ୍ଟରେ ବାରିପଦା ଉକ୍ତ ବ୍ୟାଙ୍କ ସମ୍ମୁଖରେ ଚାକିରି ଦେବେ ବୋଲି କହି ରେଜିଷ୍ଟ୍ରେସନ ବାବଦକୁ ୭,୩୦୦ଟଙ୍କା ନେଇଥିଲେ। ୫ଦିନ ମଧ୍ୟରେ ଚାକିରୀରେ ଯୋଗଦାନ କରାଇ ଦେବେ ବୋଲି କହି ଆଉ ଯୋଗାଯୋଗ କରିନଥିଲେ। ବହୁ ଖୋଜିଖୋଜି କରି ତାଙ୍କ ଠିକଣା ପାଇ ଥାନାରେ ଅଭିଯୋଗ କରିଛନ୍ତି। ସେ ଅନ୍ୟ ଯୁବକ/ଯୁବତୀଙ୍କ ଠାରୁ ଅନୁରୂପ ଠକିଛନ୍ତି ବୋଲି ଜଣାପଡ଼ିଛି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

## ୩ ଯୁବତୀ ଉଦ୍ଧାର

ବାରିପଦା,୧୩।୧୧(ସମିସ): ଭଞ୍ଜପୁର ଥାନା ପୁଲିସ ଦ୍ୱାରା ୩ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ପୁଲିସକୁ ସନ୍ଦେହ ହେବାରୁ ରଘୁନାଥପୁର ଅଞ୍ଚଳରେ ଚଢ଼ଉ କରି ଏକ ଘରୁ ସେମାନଙ୍କୁ ଉଦ୍ଧାର କରି ପଚରାଉଚରା କରାଯାଉଛି। ୩ଜଣଙ୍କ ମଧ୍ୟରୁ ଜଣେ ନାବାଳିକା ଥିବା ବେଳେ ବାଲେଶ୍ୱର ଓ ପଶ୍ଚିମବଙ୍ଗ ଅଞ୍ଚଳର ଅଟନ୍ତି। ଘରେ ଯୁବତୀମାନେ ଥିବା ବେଳେ ସେମାନଙ୍କ କାର୍ଯ୍ୟକଳାପକୁ ସନ୍ଦେହ କରି ଏପରି ପଦକ୍ଷେପ ପୁଲିସ ଗ୍ରହଣ କରିଛି। ତେବେ ପଚରାଉଚରା ପରେ ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଆଗକୁ ଅଧିକ ସୂଚନା ଦିଆଯିବ ବୋଲି କୁହାଯାଇଛି।

## ବିଇଡି କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବାରିପଦା,୧୩।୧୧(ସମିସ): ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଶିଶୁ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦଘାଟନୀ ସଭା କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ସଞ୍ଜୟକୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଡ. ସରୋଜ ନାୟକ, କେ ଲକ୍ଷ୍ମୀ ସେନାପତି, ଉମେଶ ଚନ୍ଦ୍ର ମାଝୀ, ରାଜକିଶୋର ରାଉଳ, ଡ. ଚିତ୍ରସେନ ସେଠୀ ପ୍ରମୁଖ ଅତିଥିଭାବେ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିଶୁର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ, ଡ୍ରାମା, ନୃତ୍ୟ ସଂଗୀତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ପ୍ରଫେସର ସରୋଜ ଦାସ, ନବୀନ ନାଏକ ଓ ସନ୍ଦୀପ ସିଂ ପ୍ରମୁଖ ସହଯୋଗ କରିଥିଲେ।

## 'ଭାରତୀୟ ଶାସନ ବ୍ୟବସ୍ଥା ସାମ୍ପ୍ରତିକ, ପ୍ରସଙ୍ଗ ଓ ଆହ୍ୱାନ'

ବାରିପଦା,୧୩ା୧୧(ସମିସ): ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗର ମିଳିତ ସହଯୋଗରେ 'ଭାରତୀୟ ଶାସନ ବ୍ୟବସ୍ଥା ସାମ୍ପ୍ରତିକ, ପ୍ରସଙ୍ଗ ଓ ଆହ୍ୱାନ' ଶିର୍ଷକରେ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପ୍ରବକ୍ତା ଭାବରେ ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜୟ ବୋଷ ଭାରତୀୟ ଶାସନ ବ୍ୟବସ୍ଥା ସାମ୍ପ୍ରତିକ, ପ୍ରସଙ୍ଗ ଓ ଆହ୍ୱାନ ବିଷୟରେ ସବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆବାହକ ବିଭାଗୀୟ ମୁଖ୍ୟ ଡ. ଆଲବର୍ଟିନା ତିର୍କି ସ୍ୱାଗତ ଭାଷଣ ଦେବା ସହ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ବଳରାମ ଜେନା ଓ ଲୋକ ପ୍ରଶାସନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ପୁଷ୍ପଲତା ମଲ୍ଲିକ ଉକ୍ତ ପାଠ୍ୟକ୍ରମର ମୌଳିକ ପ୍ରାସଙ୍ଗିକତା ସମ୍ପର୍କରେ ମତ ରଖିଥିଲେ। ପାଠଚକ୍ରର ସହ ଆବାହକ ଡଃ ଅରୁଣ ରାୟ ଆଲୋଚିତ ପ୍ରସଙ୍ଗରେ ବିଶ୍ଳେଷଣାତ୍ମକ ସମୀକ୍ଷା କରି ଧନ୍ୟବାଦ ଅର୍ପଣ କରିଥିଲେ। ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା ଓ ଅନ୍ୟାନ୍ୟ ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଡିଆର୍‌କେ ବିଜୟୀ

ବାରିପଦା,୧୩।୧୧(ସମିସ): ମଧୁବନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଅଣ୍ଡର ୧୬ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଚତୁର୍ଥ ଦିବସରେ ଡିଆରକେ ଓ ବାରିପଦା କ୍ରିକେଟ ଏକଡେମୀ(ବିସିଏ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ରାକେଶ ସିଂ ଯୋଗ ଦେଇଥିଲେ। ଡିଆରକେ ୨୦ଓଭରରେ ୬ୱିକେଟ ବିନିମୟରେ ୧୬୩ରନ କରିଥିଲେ। ବିସିଏ ୩୨ରନରେ ଅଲ ଆଉଟ ହୋଇଥିବା ବେଳେ ଡିଆରକେ ମ୍ୟାଚ ବିଜୟୀ ହୋଇଥିଲେ। ବାରିପଦା କ୍ରିକେଟ ଏକଡେମୀ ପକ୍ଷରୁ ପ୍ରଥମ କରି ଅଣ୍ଡର ୧୬ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିବା ବେଳେ ୧୫ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ଉକ୍ତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୩ଟି ସ୍କୁଲ ଓ ୪ଟି କ୍ରିକେଟ ଏକାଡେମୀ ଅଂଶଗ୍ରହଣ କରିଛନ୍ତି। ବାରିପଦା କ୍ରିକେଟ ଏକଡେମୀର ସଭାପତି ବିକ୍ରମ କେଶରୀ ଜେନା, ସମ୍ପାଦକ ସୁଶାନ୍ତ ଦାସ, ସଞ୍ଜୟ ସିଂ, ଶିବ ସିଂ, ହେମନ୍ତ ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବେ ଅମିତାଭ ମହାନ୍ତି, ଏସକେ ଲାଇକ ଉଦ୍ଦିନ, ଘୋଷକ ଭାବେ ଦୀପକ ଦାସ ଓ ସ୍କୋରର ଭାବେ ସମ୍ବିତ ମହାରଣା ରହିଥିଲେ।

### ଟିଉସନ ଫି ନଦେବାରୁ ଛାତ୍ରଙ୍କୁ ଟିସି ଦେଇ ବାହାର କରିବା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ମାମଲା; ଶିକ୍ଷକଙ୍କ ବିରୋଧରେ ଥାନାକୁ ଗଲେ ଅଭିଭାବକ



ବାରିପଦା,୧୩ା୧୧(ସମିସ): ଚନ୍ଦନପୁର ସରକାରୀ ଉପ୍ରା ବିଦ୍ୟାଳୟରୁ ଦୁଇ ଛାତ୍ରଙ୍କୁ ଟିସି ଦେଇ ସ୍କୁଲରୁ ତଡ଼ିଦେବା ଘଟଣା ବୁଧବାର ଭିନ୍ନ ମୋଡ଼ ଧାରଣ କରିଛି। ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ପରେ ମାମଲା ଦାୟର ହୋଇଥିବା ବେଳେ ଶିକ୍ଷକଙ୍କ ବିରୋଧରେ ଛାତ୍ରଦ୍ୱୟଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଟିଉସନ ଫି' ଦେବାରେ ବିଳମ୍ବତାକୁ ଏହି ଘଟଣାରେ ପୁରୀର ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ଆବେଦନ କରିବାରୁ ଏନେଇ ମାମଲା ରୁଜୁ ହୋଇଛି। ମୋରଡ଼ା ବ୍ଲକ କେନ୍ଦୁଛାଟିଆ ଗ୍ରାମର ଲକ୍ଷ୍ମୀଧର ମୁର୍ମୁଙ୍କ ଦୁଇ ପୁଅ ଚୈତନ୍ୟ(୬ଷ୍ଠ) ଓ କୃପାସିନ୍ଧୁ(୮ମ) ଶ୍ରେଣୀରେ ହଷ୍ଟେଲରେ ରହି ପାଠ ପଢିବା ପାଇଁ ମାସକୁ ଏକ ହଜାର ଟଙ୍କା ବେଆଇନ ଭାବେ ଅର୍ଥ ଆଦାୟ କରି ସମ୍ବିଧାନ ଧାରା ୨୧(ଏ) ଅନୁଯାୟୀ ୬ରୁ ୧୪ବର୍ଷ ଛାତ୍ରୀଛାତ୍ରଙ୍କ ଶିକ୍ଷା ଅଧିକାର ଆଇନର ଉଲଂଘନ କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଓ ଶିକ୍ଷା ଅଧିକାର ଏକ ମୌଳିକ ଅଧିକାର ଏବଂ ଆଦାୟ ହେଉଥିବା ଫି' ନାମରେ ଟଙ୍କା ଲୁଟ କରିବା ଏହି ସାମ୍ବିଧାନିକ ନିଶ୍ଚିତତାକୁ କ୍ଷୁର୍ଣ୍ଣ କରିଛି। ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିନିୟମ ୨୦୦୯ ଧାରା ୭୫ ଅନୁଯାୟୀ ଅନଧିକୃତ ଶୁଳ୍କ ଲାଗୁ କରିବା କିମ୍ବା ପିଲାମାନଙ୍କର ଶିକ୍ଷାକୁ ବାଧା ଦେବା ନିଷେଧକୁ ଅପବ୍ୟବହାର କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଏବଂ ଶିକ୍ଷା ଅଧିକାରୀଙ୍କ ଜଟିଳତା ଆଦିବାସୀ ଛାତ୍ରଙ୍କର ମାନବିକ ଅଧିକାରକୁ ଉଲଂଘନ କରୁଛି। ସମ୍ବିଧାନର ଧାରା ୧୫(୪) ଏବଂ ଧାରା ୪୬ ଅନୁଯାୟୀ ସ୍ୱତନ୍ତ୍ର ସୁରକ୍ଷା ପାଇବାକୁ ହକଦାର ବୋଲି ଆଇନ ପ୍ରଣୟନ କରାଯାଇଛି। ଏପରିକି ଅନୁସୂଚୀତ ଜନଜାତିର ଶିକ୍ଷାଗତ ଏବଂ ଅର୍ଥନୈତିକ ସ୍ୱାର୍ଥରେ ବାଧା ଉପୁଜାଇବା ମାନବିକ ଅଧିକାରକୁ ଉଲଂଘନ କରୁଛି। ସେହିପରି ଅର୍ଥ ଆଦାୟକୁ ନେଇ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିଷ୍କ୍ରିୟତା ଓ କର୍ତ୍ତବ୍ୟରେ ଅବହେଳା ପାଇଁ ଆଦିବାସୀ ବର୍ଗର ଛାତ୍ରଛାତ୍ରୀ ଶୋଷଣର ଶିକାର ହେଉଛନ୍ତି। ଏହାକୁ ନେଇ କ୍ରାଇମ ବ୍ରାଞ୍ଚ ପକ୍ଷରୁ ଘଟଣାକୁ ଅନୁଧ୍ୟାନ କରିବାକୁ ପ୍ରାର୍ଥନା କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ହଷ୍ଟେଲ ପରିଚାଳନାରେ ଦାୟିତ୍ୱରେ ରହି ଅର୍ଥ ଆଦାୟ କରୁଥିବା ଶିକ୍ଷକ ଗୁଲାରାମ ମୁର୍ମୁଙ୍କ ବିରୋଧରେ ତଦନ୍ତ କରାଯାଉ। ସେହିପରି ଛାତ୍ର ଦ୍ୱୟଙ୍କ ଭାବପ୍ରବଣ ଓ ଶିକ୍ଷାଗତ ଆଘାତ ପାଇଁ କ୍ଷତିପୂରଣ ବାବଦରେ ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ବିଦ୍ୟାଳୟଗୁଡ଼ିକରେ ଅଡିଟ କରାଯାଇ ଏପରି ବ୍ୟବସ୍ଥାକୁ ବନ୍ଦ କରିବା ସହ ଆଇନ ଅନୁଯାୟୀ ଶିଶୁମାନଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାକୁ ଦାବିରେ ଉଲ୍ଲେଖ ରହିଛି। ଅଭିଯୋଗକୁ ବିଚାର କରି ଆଦିବାସୀ ଛାତ୍ରଛାତ୍ରୀଙ୍କ ଅଧିକାର ତଥା କଲ୍ୟାଣ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷରେ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଗୁଲାରାମ ମୁର୍ମୁଙ୍କ ବିରୋଧରେ ବାରିପଦା ସଦର ଥାନାରେ ଛାତ୍ର ଦ୍ୱୟଙ୍କ ବାପା ଲକ୍ଷ୍ମୀଧର ମୁର୍ମୁ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ତାଙ୍କ ଦୁଇ ପିଲାଙ୍କ ସମେତ ପରିବାର ଲୋକଙ୍କୁ ମାନସିକ ଭାବେ ଆଘାତ କରିଛି। ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇ ଥିବାବେଳେ ଶିକ୍ଷା ଅଧିକାରରୁ ୨ଆଦିବାସୀ ଛାତ୍ରଙ୍କୁ ବଞ୍ଚିତ କରିଥିବା ଶିକ୍ଷକ ଗୁଲାରାମ ମୁର୍ମୁଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏଥି ସହିତ ତାଙ୍କ ଛୁଆଙ୍କୁ ଟିସି ଦେଇ ବାହାର କରି ଦିଆଯାଇଥିବା ବେଳେ ସ୍କୁଲ ପକ୍ଷରୁ ତାଙ୍କ ଘରକୁ ପହଞ୍ଚି କିଛି ଲୋକ ଧମକଚମକ ମଧ୍ୟ ଦିଆଯାଉଛି ବୋଲି ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟର୍‌ଯାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବା ପାଇଁ ଅଭିଭାବକ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ କ୍ରମେ ତଦନ୍ତ କରୁଛି।

## ଜିଲ୍ଲାର ୧୮ ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ



ବାରିପଦା,୧୩ା୧୧(ସମିସ): ଶୁଳିଆପଦା ବ୍ଲକ ଅଧୀନ ବାଘଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥି ସହିତ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ, ଲୋକସଭା ସାଂସଦ ନବ ଚରଣ ମାଝି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପାଇଁ ୧୪ କୋଟି ଟଙ୍କାର ସର୍ବମୋଟ ୧୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ୱାସ୍ଥ୍ୟମନ୍ତ୍ରୀ କରିଥିଲେ। ଏଥିରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ବ୍ୟବସ୍ଥା ବାବଦରେ ଜଣାଇଥିଲେ। ଜିଲ୍ଲାରେ ଖାଲି ଥିବା ଡାକ୍ତର ପଦବୀ ଖୁବଶୀଘ୍ର ପୂରଣ କରାଯିବା ସହିତ ମେସିନାରି ଯନ୍ତ୍ରପାତି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ରାଜ୍ୟସ୍ତରୀୟ ସୁରଭିରେ ଜିଲ୍ଲାର ୧୨ ପ୍ରତିଯୋଗୀ ସମ୍ବର୍ଦ୍ଧିତ



ବାରିପଦା,୧୩ା୧୧(ସମିସ): ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା, ୨୦୨୩-୨୪ରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତମାନଙ୍କୁ ବୁଧବାର କ୍ୟାପିଟାଲ ହାଇସ୍କୁଲ, ୟୁନିଟ -୩, ଭୂବେନେଶ୍ୱରରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ସୁରଭି ୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଯୋଗ ଦେବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ପିଇଟି ଦିବ୍ୟରଞ୍ଜନ ଦାସ ଓ ମେଟ୍ରୋନ ଶାନ୍ତି ସିଂଙ୍କ ନେତୃତ୍ୱରେ ୧୨ ଜଣ ଜାତୀୟସ୍ତର ପ୍ରତିଯୋଗୀ ଯୋଗ ଦେଇଛନ୍ତି। ସେମାନେ ହେଲେ ସରକାରୀ ସୁଲେନା ହେମ୍ବ୍ରମ, ସୁମିତ୍ରା ମୁର୍ମୁ, ବାସନ୍ତୀ ମୁର୍ମୁ, ପାୟେଲ ହାଁସଦା, ସାବିତ୍ରୀ ମାରାଣ୍ଡି, ଅତନୁ ପାଣି, ରତିକାନ୍ତ ହେମ୍ବ୍ରମ, ସୁଦସ୍ନା କ୍ରିଷ୍ଣା ନାଏକ, ମମତା ମୁର୍ମୁ, ଦୀପକ ବେହେରା, ସିମାଲ ବାସ୍କେ, ସୋନାର ସିଂ ବେଶ୍ରା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସେମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ବାରିପଦା ବନଖଣ୍ଡରେ ହାତୀ ଗଣନା ତାଲିମ ଶିବିର

ବାରିପଦା,୧୩ା୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ନଭେମ୍ବର ୧୪ ଓ ୧୫ ଦୁଇ ଦିନ ଧରି ହାତୀ ଗଣନା ହେବ। ଏନେଇ ବୁଧବାର ବାରିପଦା ବନଖଣ୍ଡ ପକ୍ଷରୁ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ପରିସରସ୍ଥିତ ସଂକଳ୍ପ ସମ୍ମିଳନୀ କକ୍ଷରେ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ବନଖଣ୍ଡ ଏସିଏଫ ରବି ନାରାୟଣ ମହାନ୍ତି ଓ ଏସିଏଫ ଦିଲ୍ଲୀପ କୁମାର ବାରିକ ଉପସ୍ଥିତ ଥିଲେ। ଜିଲ୍ଲାରେ ହାତୀ ଗଣନା ପାଇଁ ୮୪ଟି ୟୁନିଟରେ ୩୪୦ଜଣ ବନ କର୍ମଚାରୀ ନିୟୋଜିତ ହେବେ। ସେଥି ମଧ୍ୟରୁ ବାରିପଦା ବନଖଣ୍ଡ ଅଧୀନ ୬ଟି ବନ ରେଞ୍ଜରେ କର୍ମଚାରୀଙ୍କୁ ନେଇ ୩୭ଟି ୟୁନିଟ୍ ଗଠନ କରାଯାଇଛି। ପ୍ରତ୍ୟେକ ୟୁନିଟରେ ୫ଜଣ ସଦସ୍ୟ ରହି ଗଣନା କାର୍ଯ୍ୟ କରିବେ। ତାଲିମ ପରେ ସନ୍ଧ୍ୟାରେ ସମସ୍ତ କର୍ମଚାରୀ ନିଜ ନିଜ ୟୁନିଟରେ ପହଁଚିବେ। ଗୁରୁବାର ସକାଳୁ ହାତୀ ଗଣନା କାର୍ଯ୍ୟ ଆରମ୍ଭ କରିବେ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଗଣନା ପ୍ରକ୍ରିୟା ଶେଷ ହେବା ପରେ ନଭେମ୍ବର ୧୯ ତାରିଖରେ ରେଞ୍ଜ ଆନାଲିସିସ୍ କରାଯିବ ଏବଂ ୨୨ତାରିଖ ସର୍କଲ ଆନାଲିସିସ୍ ପରେ ରାଜ୍ୟ ବନ ବିଭାଗକୁ ଗଣନା ରିପୋର୍ଟ ପ୍ରଦାନ କରାଯିବ। ଗତ ବର୍ଷ ଗଣନା ରିପୋର୍ଟ ଅନୁସାରେ ଓଡ଼ିଶାର ସର୍ବାଧିକ ହାତୀ ଶିମିଳିପାଳ ଅଭୟାରଣ୍ୟରେ ଥିବା ସ୍ପଷ୍ଟ ହୋଇଥିଲା। ଗ୍ରୀଷ୍ମ ଓ ଶୀତ ଋତୁରେ ବର୍ଷକୁ ଦୁଇ ଥର ହାତୀ ଗଣନା ହେଉଥିବା ବେଳେ ଏହା ଶୀତକାଳୀନ ଗଣନା ହେବ। ପୁରୁଣା ପାରମ୍ପାରିକ ପଦ୍ଧତି ଡାଇରେକ୍ଟ ସାଇଟିଂ (ହାତୀ ଦେଖି ଗଣନା) ମାଧ୍ୟମରେ ଏହି ଗଣନା କରାଯିବ ବୋଲି ଶ୍ରୀ ମହେଶ ସୂଚନା ଦେଇଛନ୍ତି। ତାଲିମ କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡର ବିଭିନ୍ନ ରେଞ୍ଜର ରେଞ୍ଜ ଅଧିକାରୀ, ବନପାଳ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




### ■ ତମାଖୁମୁକ୍ତ ଅଭିଯାନ ୨.୦ର ଜିଲ୍ଲାସ୍ତରୀୟ ବୈଠକ

## ମୟୂରଭଞ୍ଜର ସବୁ ଗାଁ ହେବ ତମାଖୁମୁକ୍ତ



ବାରିପଦା,୧୩ା୧୧(ସମିସ): ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମସ୍ତ ବିଶ୍ୱରେ ଚିନ୍ତାର କାରଣ ହୋଇଥିବା ବେଳେ ସାରା ରାଜ୍ୟରେ ବର୍ତ୍ତମାନ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ଆରମ୍ଭ ହୋଇଛି। ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଅଭିଯାନ ୨.୦ ପ୍ରଗତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇଥିବା ଏବଂ ଆଗକୁ ହେବାକୁ ଥିବା ଏହି ସଚେତନତା ଅଭିଯାନର ସମସ୍ତ ପଦକ୍ଷେପ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ତମାଖୁର ବ୍ୟବହାର କମ କରିବା ପାଇଁ ଜିଲ୍ଲାରେ ହୋଇଥିବା ଡ୍ରଗ ସଚେତନତା ଅଭିଯାନ ବିଷୟରେ ଆଲୋକପାତ କରାଯାଇଥିଲା। ୨୦୨୨-୨୪ ମଧ୍ୟରେ ୪୭ଟି ସ୍କ୍ୱାଡ ଜିଲ୍ଲାରେ କାର୍ଯ୍ୟକାରୀ ହୋଇ ସମୁଦାୟ ୫୯ହଜାର ୪୦ ଟଙ୍କା ଫାଇନ ଆଦାୟ ହୋଇଛି। ବିଭିନ୍ନ ସ୍ଥାନ ଯଥା ସ୍କୁଲ, କଲେଜ, ସର୍ବସାଧାରଣ ସ୍ଥାନ, ପ୍ରତିଟି ପଞ୍ଚାୟତ ସମେତ ବର୍ତ୍ତମାନ ସୁଦ୍ଧା ୧୦ଟି ବ୍ଲକର ୧୧୭ ଜଣ ସରପଞ୍ଚଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲାର ୨୦ଟି ଗାଁକୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ୩୦ରୁ ଊର୍ଦ୍ଧ୍ୱ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରିବାର ଯୋଜନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି। ସୂଚନାନୁସାରେ, ବର୍ତ୍ତମାନ ସୁଦ୍ଧା ୧୬୦ଟି ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମ୍ବାଖୁ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ଶପଥ ପାଠ, ପ୍ରଶିକ୍ଷଣ ଜିଲ୍ଲା ସ୍ୱାସ୍ଥ୍ୟ ସଞ୍ଚାଳକଙ୍କ ଦ୍ୱାରା ଦିଆଯାଉଛି। ଚଳିତ ବର୍ଷ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଅଭିଯାନ ୨.୦ ସେପ୍ଟେମ୍ବର ୨୪ରୁ ଆରମ୍ଭ ହୋଇଛି ଏବଂ ଏହା ୨୪ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ସୋସିଆଲ ମିଡ଼ିଆକୁ ଏକ ବୃହତ ଆଧାର କରାଯାଇଛି। ଯାହାଫଳରେ ଅଧିକରୁ ଅଧିକ ଜନସାଧାରଣଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରାବଧାନ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପୁଲିସ ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ଶିକ୍ଷା, ଗୃହ ଏବଂ ନଗର ଉନ୍ନୟନ, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ଆଦିବାସୀ କଲ୍ୟାଣ ବିଭାଗ ସମସ୍ତଙ୍କୁ ନେଇ ଏହି ତମାଖୁ ମୁକ୍ତ ଅଭିଯାନ ୨.୦ର ସଞ୍ଚାଳନ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସଚେତନତା ମାରାଥନ, ରାଲି, ରେଡିଓ ବାର୍ତ୍ତା, ଲୋକକଳା, ଚିତ୍ର ପ୍ରଦର୍ଶନୀ, ସୋସିଆଲ ମିଡ଼ିଆ ପ୍ରଚାର ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ତମାଖୁ ବର୍ଜନ ବିଷୟରେ ଜନସଚେତନତା କରାଯିବ। ଜାତୀୟ ତମାଖୁ ନିୟନ୍ତ୍ରଣ ପ୍ରାଧିକରଣ ଅଧୀନ ଆଇନ ଶୃଙ୍ଖଳା ପରିପ୍ରେକ୍ଷୀରେ ଅଭିଯାନକୁ ସଫଳ କରିବା ପାଇଁ ଗଣମାଧ୍ୟମ ଏବଂ ଲୋକସମ୍ପର୍କର ବିଶେଷ ଆବଶ୍ୟକତା ଅଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ। ବୈଠକକୁ ନିହାର ରଞ୍ଜନ ପୃଷ୍ଟି ସଞ୍ଚାଳନ କରିଥିବା ବେଳେ, ଅତିରିକ୍ତ ଚିକିତ୍ସାଧିକାରୀ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଡା. ଶାନ୍ତନୁ କୁମାର ଦାଶ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଶ୍ରୀ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପଞ୍ଚକରେ ମାଣତ୍ରୀ ହରି-ହରପୀଠର ଅନନ୍ୟ ପରମ୍ପରା

# ମହାଦେବଙ୍କ ଜ୍ୟୋତିର୍ଲିଙ୍ଗରେ ଲାଗିହୁଏ ତୁଳସୀ ମଞ୍ଜରୀ



ବାରିପଦା/ମାଣତ୍ରୀ,୧୩ା୧୧(ସମିସ): ମହାଦେବଙ୍କ ଜ୍ୟୋର୍ତିଲିଙ୍ଗରେ ବେଲପତ୍ର ପ୍ରତିବଦଳରେ ତୁଳସୀ, କଥାଟି ଶୁଣିବାକୁ ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି କୌତୁହଳ। ଉତ୍ତର ଓଡ଼ିଶାର ପ୍ରସିଦ୍ଧ ହରି-ହର ପୀଠ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ମାଣତ୍ରୀସ୍ଥିତ ବାବାକଖାରୁଆ ବୈଦନାଥଙ୍କ ପୀଠରେ ପଞ୍ଚକ ପାଞ୍ଚଦିନ ଶିବପୂଜାରେ ଏପରି ସ୍ୱତନ୍ତ୍ରତା ରହିଛି। ଯେଉଁଥିପାଇଁ ମାଣତ୍ରୀ ଚଳଚଞ୍ଚଳ ହୋଇଉଠେ। ପଞ୍ଚକ ସମୟରେ ସମ୍ପୃକ୍ତ ପୀଠରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗିଥାଏ। ୬ଶହ ବର୍ଷର ଐତିହ୍ୟ ବହନ କରୁଥିବା ଏହି ପୀଠରେ ପଞ୍ଚକ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଏକାଦଶୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ମନ୍ଦିରରେ ସ୍ୱତନ୍ତ୍ର ପୂଜା ସାଙ୍ଗକୁ ପ୍ରତ୍ୟେହ ସାଧାରଣ ପୂଜା ପରେ ମହାଦେବଙ୍କ ଜ୍ୟୋର୍ତିଲିଙ୍ଗରେ ଶ୍ରୀ ଜଗନ୍ନାଥଙ୍କ ଅତିପ୍ରୀୟ ତୁଳସୀର ମଞ୍ଜରୀ (ଜଟା) ସହିତ ବେଲପତ୍ର "ଲାଗି'(ଚଢ଼ା) ହୋଇଥାଏ। ପ୍ରାୟ୧୫୫୬ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜର ତତ୍କାଳୀନ ରାଜା ବୈଦନାଥ ଭଞ୍ଜ ସିଂହାସନରେ ଅଧିଷ୍ଠିତ ହେବାପରେ ବାରିପଦାରେ ଜଗନ୍ନାଥ ମନ୍ଦିର ନିର୍ମାଣ ସାଙ୍ଗକୁ ମାଣତ୍ରୀ ଶୈବପୀଠରେ ଦଧିବାମନ ରୂପଧାରୀ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରିଥିଲେ। ପରେ ଏହିପୀଠ ହରି-ହର ପୀଠ ଭାବେ ଖ୍ୟାତିଲାଭ କରିବା ସହିତ ପ୍ରତି ପଞ୍ଚକରେ ଏଠାରେ ଏପରି ସ୍ୱତନ୍ତ୍ର ପୂଜା ହୋଇଆସୁଛି ବୋଲି ବଡ଼ ପୂଜକ ମାନସ ରଞ୍ଜନ ପଣ୍ଡା କୁହନ୍ତି। ଏହସହିତ ପୁରାଣ କଥାନୁଯାୟୀ ପଞ୍ଚକରେ ହରି-ହରଙ୍କର ମିଳନ ହେଉଥିବାରୁ ଏପରି ପୂଜା କରାଯାଇଥାଏ ବୋଲି ସେ କହିଛନ୍ତି। ମାଣତ୍ରୀ ପରି ଲିଙ୍ଗରାଜ ଓ କପିଳାସ ଯେଉଁଠାରେ ସ୍ୱୟଂଭୂ (ପ୍ରତିଷ୍ଠା ବା ସ୍ଥାପିତ ହୋଇନଥିବା) ଶୈବପୀଠରେ ହରି-ହର ପୂଜା ପାଉଛନ୍ତି ସେଠାରେ ଏପରି ସ୍ୱତନ୍ତ୍ର ପୂଜା କରାଯାଇଥାଏ ବୋଲି ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା କହନ୍ତି। ଚଳିତ ଥର ମାଣତ୍ରୀରେ ଏହି ତୁଳସୀ "ଲାଗି' ଶୁକ୍ରବାର ବଡ଼ଏକାଦଶୀ ଠାରୁ କାର୍ତ୍ତିକ ପୂର୍ଣ୍ଣମୀ ଶୁକ୍ରବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପ୍ରତିବର୍ଷ ଏହି ସମୟରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ରହିଥାଏ। ପୂର୍ଣ୍ଣମୀ ଦିନ ଦିନିକିଆ ମେଳା ବସିଥାଏ। ସନ୍ଧ୍ୟାରେ ମହାଦେବଙ୍କ ସୁନାବେଶ ହୋଇଥାଏ। ପୂର୍ଣ୍ଣମୀରୁ ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥାଏ।

## ଆଜି ବାରିପଦା ଆସୁଛନ୍ତି ସ୍ୱାମୀ ଚିଦ୍ରୂପାନନ୍ଦ ସରସ୍ୱତୀ

### ପ୍ରଥମ ଥର ଓଡ଼ିଶାରେ ମହାଭାରତ ଜ୍ଞାନଯଜ୍ଞ



ବାରିପଦା, ୧୩।୧୧(ସମିସ): ଚିନ୍ମୟ ମିଶନ ଆନୁକୂଲ୍ୟରେ ଗୁରୁବାର ୧୪ତାରିଖରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବାରୁଣୀ ରୋଡ଼ ମଧୁବନରେ ବାରିପଦାରେ ପ୍ରଥମ ଥର ମହାଭାରତ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ଚିନ୍ମୟ ମିଶନ ନୋଇଡା, ଉତ୍ତର ପ୍ରଦେଶର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୂପାନନ୍ଦ ସରସ୍ୱତୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରତି ଦିନ ସନ୍ଧ୍ୟାରେ ମହାଭାରତର ଶାନ୍ତି ପର୍ବ ବିଷୟରେ ଓ ସକାଳେ ହିନ୍ଦୀରେ ହସ୍ତମଳକ ସ୍ତୋତ୍ର ବିଷୟରେ ପ୍ରବଚନ ଦେବେ। ମହାରାଜା ପୂର୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ସଚ୍ଚିଦାନନ୍ଦ ଗୁରୁକୁଳ, ଡିଭାଇନ ବୈଷଶିକ ବିଦ୍ୟାଳୟ, ମୟୂରଭଞ୍ଜ ଆକାଉଣ୍ଟାନସି ମହାବିଦ୍ୟାଳୟ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କୁ ଜୀବନ ଓ ଜୀବିକା ଶିକ୍ଷା ବିଷୟରେ ଉଦ୍‌ବୋଧନ ଦେବେ। ତତସହିତ ୧୦ମ ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ରେ ଯୋଗଦେବାର କାର୍ଯ୍ୟକ୍ରମ ଅଛି। କାର୍ଯ୍ୟକ୍ରମ ପରେ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ସହିତ ବିଭିନ୍ନ ଆଧ୍ୟାତ୍ମିକ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଜଗନ୍ନାଥ ମନ୍ଦିର ଯିବାର କାର୍ଯ୍ୟକ୍ରମ ଅଛି ବୋଲି ସମ୍ପାଦକ ଅଜିତ ବେହେରା ସୂଚନା ଦେଇଛନ୍ତି। ତାଙ୍କ ସହିତ ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଉଦଳା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ୍ୟ ଚୈତନ୍ୟ, ଚିନ୍ମୟ ମିଶନ ଲାଠିକଟାର ଆଚାର୍ଯ୍ୟ ଅନିକେତ ଚୈତନ୍ୟଙ୍କ ସହିତ ଅନ୍ୟ ବହୁ ସାଧୁସନ୍ଥ ଉକ୍ତ ଜ୍ଞାନ ଯଜ୍ଞରେ ଯୋଗ ଦେବେ।

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଇଂ ଶରତ ଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୦୧.୦୪.୧୯୪୦
ତିରୋଧାନ: ୦୩.୧୧.୨୦୨୪

ବିଶ୍ୱ ବ୍ୟାଙ୍କ ସହାୟତାରେ ଓଡିଶା ସ୍ୱାସ୍ଥ୍ୟ ଉନ୍ନତିକରଣ ପ୍ରକଳ୍ପରେ ସ୍କାଗ, ଭୁବନେଶ୍ୱର ତରଫରୁ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟରେ ପ୍ରକଳ୍ପ ସଂଯୋଜକ ରୂପେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସ୍କାଗର ପ୍ରଗତି ପଥରେ ବିଗତ ୨୫ ବର୍ଷରେ ଆପଣଙ୍କର ବୈଷୟିକ ଜ୍ଞାନର ଅନୁଭୂତି ଓ କାର୍ଯ୍ୟ ସଂପାଦନ ପାଇଁ ଆମେ ସମସ୍ତେ କୃତଜ୍ଞ ଓ ଆମ ସମସ୍ତଙ୍କର ଚିର ନମସ୍ୟ । ଆପଣଙ୍କ ବିୟୋଗରେ ସ୍କାଗ ପରିବାର ଅତ୍ୟନ୍ତ ମର୍ମାହତ ଓ ଶୋକାଭିଭୂତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ସ୍କାଗ ପରିବାର
M/s Senior Consultant & Advisor Group (SCAG), Bhubaneswar.

# ବନ୍ୟପ୍ରାଣୀଙ୍କ ଉପଦ୍ରବ; ବଢ଼ାଇଛି ଚାଷୀଙ୍କ ଚିନ୍ତା

ଠାକୁରମୁଣ୍ଡା, ୧୩।୧୧(ସମିସ): କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ଉପଦ୍ରବ ଲାଗିରହିଛି। ଅମଳ ଅପେକ୍ଷାରେ ଥିବା ଧାନ କିଆରିରେ ହାତୀ, ବାରହା ଓ ମାଙ୍କଡ଼ ସହିତ ଅନ୍ୟାନ୍ୟ ପଶୁ ଚାଷ ଜମିରେ ପଶି ବ୍ୟାପକ ଫସଲ କ୍ଷୟକ୍ଷତି କରୁଛନ୍ତି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି। ମୁଣ୍ଡଝାଳ ତୁଣ୍ଡରେ ମାରି ବିଲରେ ଫଳାଇଥିବା ସୁନାର ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ଘର ଛାଡ଼ି ମଞ୍ଚାରେ ଜଗି ରାତି କାଟୁଛନ୍ତି। ରାତି ଅନିଦ୍ରା ହୋଇ ନିଆଁ ଜାଳି, ବାଜା ବଜାଇ ଧାନ ଖାଇବାକୁ ଆସୁଥିବା ବନ୍ୟଜନ୍ତୁଙ୍କୁ ଘଉଡ଼ାଉଛନ୍ତି। ବନଭାଗର ସୂଚନାନୁଯାୟୀ, ଠାକୁରମୁଣ୍ଡା ରେଞ୍ଜର ଶିମିଳିପାଳ ପାଦଦେଶର ବିଭିନ୍ନ ସ୍ଥାନରେ ୨ଟି ହାତୀ ବୁଲୁଛନ୍ତି। ହାତୀପଲ ଦିନବେଳେ ଜଙ୍ଗଲ ଓ ଶିମିଳିପାଳରେ ରହୁଥିବା ବେଳେ ସଞ୍ଜ ନଇଁବା ପରେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି। ବିଲରେ ପଶି ପାଚିଲା ଧାନ ଖାଇବା ସହ ପାଦରେ ଦଳିଚକଟି ଫସଲ ନଷ୍ଟ କରୁଛନ୍ତି। ଯେତେ ଚେଷ୍ଟା କଲେ ବି ବର୍ଷକର ଆହାରକୁ ହାତୀମୁହଁରୁ ବଞ୍ଚାଇବା ଚାଷୀଙ୍କ ପାଇଁ କଷ୍ଟକର ହେଉଛି। ସେହିପରି ବାରହାପଲ ମଧ୍ୟ ରାତିରେ ଜଙ୍ଗଲରୁ ବାହାରି ବିଲରେ ପଶି ଧାନ ଖାଉଥିବା ବେଳେ ମାଙ୍କଡ଼ ପଲ ଦିନବେଳେ ପାହାଡ଼ ଜଙ୍ଗଲରୁ ବାହାରି ଧାନ ଖାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ହାତୀ ଉପଦ୍ରବ ଯୋଗୁଁ ଠାକୁରମୁଣ୍ଡା ବ୍ଲକର କେଶଡିହା ପଞ୍ଚାୟତର ଚିରୁପଦା, ମଣ୍ଡଳଝରୀ, ହାତିଗୋଡ଼ା ପଞ୍ଚାୟତର ଘୋଡ଼ାବିନ୍ଧା, ଆସନକୁଦର, ରାଣୀଭୋଳ ସଲେଇବେଡ଼ା ପଞ୍ଚାୟତର ସାଲେଇବେଡା, ଖପରଖାଇ, ବଡମହୁଲଡିହା, ଡଙ୍ଗାପାଣି, ଲାଣ୍ଡୁସାହି, କାସିବେଡ଼ା ଓ ରାଣୀଭଲ ପ୍ରଭୃତି ଗାଁରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଧାର କରଜ କରି ଚାଷ କରିଥିବା ଚାଷୀମାନେ ନିଜ ଫସଲର ସୁରକ୍ଷା ପାଇଁ ଧାନ ବିଲ କଡ଼ରେ ଥିବା ଗଛରେ ମଞ୍ଚା କରିଛନ୍ତି। ଜୀବନକୁ ବାଜି ଲଗାଇ ମଞ୍ଚାରେ ରାତି ଉଜାଗର ରହି ନିଜ ଫସଲକୁ ସୁରକ୍ଷା ଦେଉଛନ୍ତି। ଧାନ ଅମଳର ଚାରି ମାସ ଧରି ଚାଷୀମାନେ ଫସଲର ସୁରକ୍ଷା ପାଇଁ ଘର ଛାଡ଼ି ମଞ୍ଚାରେ ରହୁଛନ୍ତି ବୋଲି ଚାଷୀମାନେ କୁହନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାଙ୍କଡ଼ ଆତଙ୍କ ଓ ବାରହାପଲ ପଶି ଫସଲ ନଷ୍ଟ କରୁଥିବାରୁ ଚାଷ ପାଇଁ କରିଥିବା ଧାରକରଜ ପରିଶୋଧ କରିହେଉନି। ବନବିଭାଗ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ଚାଷୀମାନେ ଦାବି କରିଛନ୍ତି।



ଫସଲ ସୁରକ୍ଷା ପାଇଁ ମଞ୍ଚାରେ ଜଗୁଛନ୍ତି

## ବେଆଇନ ମଦଭାଟି ବନ୍ଦ ପାଇଁ ଦାବି

ମୋରଡା, ୧୩।୧୧(ସମିସ): ମୋରଡା ଅବକାରୀ ଥାନା ଅଧୀନରେ ଦିନକୁ ଦିନ ଚୋରା ମଦ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ନୂଆଝାଳିଆ ପଞ୍ଚାୟତର ଶତାଧିକ ମହିଳାମାନେ ବେଆଇନ ମଦଭାଟିକୁ ବନ୍ଦ ସହିତ ମଦ ତିଆରି କରୁଥିବା ବ୍ୟକ୍ତିମାନଙ୍କୁ ଗିରଫ ପାଇଁ ବେତନଟି ଏସଡିପିଓ ସୁଦର୍ଶନ ଦାସଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିରେ କାନ୍ଦଣା ଗ୍ରାମ ସହିତ ଆଖପାଖ ଗ୍ରାମରେ ବେସରକାରୀ ମଦ ଭାଟି ବେଆଇନ ଭାବରେ ଦୀର୍ଘବର୍ଷ ଧରି କାରବାର ଚଳାଇ ଆସିଛନ୍ତି କିନ୍ତୁ, ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ତୁରନ୍ତ ଉକ୍ତ ମଦ ଦୋକାନଗୁଡିକୁ ବନ୍ଦ ସହ ବିକ୍ରେତାଙ୍କୁ ଗିରଫ କରିବା ପାଇଁ ମହିଳାମାନେ ଅନୁରୋଧ କରିଛନ୍ତି।

## ସାଇଁକୁଳାରେ ଜଗଦ୍ଧାତ୍ରୀ ପୂଜା

କୁଆମରା, ୧୩।୧୧(ସମିସ): ଗୋପବନ୍ଧୁନଗର ବ୍ଲକ ସାଇଁକୁଳାରେ ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ୫୫ ବର୍ଷରେ ପଦାର୍ପଣ କରିଛି। ସୋନନଦୀରୁ ଘଟ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନ ପରେ ପୂଜାର୍ଚ୍ଚନା କରାଯାଇଥିଲା। ରାଜେନ୍ଦ୍ର ମହାନ୍ତି, ଅଜୟ କୁମାର ପ୍ରଧାନ, ଜଗନ୍ନାଥ ମହାପାତ୍ର କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ମୁକ୍ତିପ୍ରିୟ ମିଶ୍ର ଚଣ୍ଡୀପାଠ କାର୍ଯ୍ୟ କରିଥିବା ବେଳେ କିଶୋର ସୁବୁଦ୍ଧିଙ୍କ ସମେତ ମୋଟ ୩ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପରିବେଷଣ ହୋଇଥିଲା।

## ଯଶିପୁରରେ ପାଳନ ହେବ ଜନଜାତି ଗୌରବ ଦିବସ

ଯଶିପୁର, ୧୩।୧୧(ସମିସ): ଯଶିପୁରରେ ପାଳନ ହେବ ଜନଜାତି ଗୌରବ ଦିବସ। ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ସମ୍ମାନ ଜଣାଇ ୨୦୨୧ରେ ଜନଜାତି ଗୌରବ ଦିବସ ପାଇଁ ଘୋଷଣା କରାଯାଇଛି। ଆଦିବାସୀ ସମ୍ପ୍ରଦାୟର ଅମୂଲ୍ୟ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଏହି ଦିବସ ଏବେ ଦେଶବ୍ୟାପୀ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ବିହାର ଜାମୁଇ ଜିଲ୍ଲାରେ ଆୟୋଜିତ ଜନଜାତି ଗୌରବ ଦିବସ ସମାରୋହରେ ଯୋଗଦେବା ପାଇଁ ନଭେମ୍ବର ୧୫ରେ ସେଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର ସଶକ୍ତିକରଣ ଉଦ୍ଦେଶ୍ୟରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପର ଉଦଘାଟନ କରିବେ। ଯାହା ଆଦିବାସୀ କଲ୍ୟାଣ ଏବଂ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

## ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ମହୁଲଡିହା, ୧୩।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ଅଧୀନ ମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ବୁଧବାର ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷକ ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବାରିପଦା ତରଫରୁ କଳ୍ପନା ଚାମ୍ପିଆ ଓ ଭବେଶ ଚନ୍ଦ୍ର ଦେହୁରୀ ଏବଂ ପଡ଼ିଆବେଡ଼ା ସିଆରସିସି ଏଟିଏସ ବେଲାଳସେନ ଶ୍ରେଣୀ କକ୍ଷରେ ଅଭିନବ ଓ ସ୍ୱଳ୍ପ ମୂଲ୍ୟର ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି ଓ ବ୍ୟବହାର ବିଷୟରେ କହିଥିଲେ। ବୈଠକରେ ୨୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଭାଗନେଇଥିଲେ। ପ୍ରଥମ ଦିନର ବୈଠକ ଶେଷରେ ମହୁଲଡିହା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସତ୍ୟଶିବ ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃରାଜ୍ୟ ଫୁଟବଲ୍ ଖେଳ ପାଇଁ ପ୍ରସ୍ତୁତି

ବଡ଼ସାହି, ୧୩।୧୧(ସମିସ): ବଡ଼ସାହି ବ୍ଲକ ଅଧିନ ଭୀମଦା ପଞ୍ଚାୟତ ଚେଙ୍ଗୁଆମଙ୍ଗଳପୁର ଷ୍ଟାଡିୟମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଗାନ୍ଧୀ ସ୍ୱେଚ୍ଛାକୃତ ସଂଗଠନ ଆନୁକୂଲ୍ୟରେ ଏହା ୨୯ତମ ଟୁର୍ଣ୍ଣାମେଣ୍ଟ ହୋଇଥିବା ବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଟିମ ଅଂଶଗ୍ରହଣ କରିବେ। ଟିମଗୁଡ଼ିକ ହେଲେ ଗୁହିରାବନ୍ଧ, ୱେଷ୍ଟ ବେଙ୍ଗଲ, ମାରାଣ୍ଡି ଏଣ୍ଡ ମାରାଣ୍ଡି, ଝାରଖଣ୍ଡ, ହଦଗଡ଼, କେନ୍ଦୁଝରେ, ୟୁନାଇଟେଡ଼ କ୍ଲବ ବାଲେଶ୍ୱର, ଜୟ ଶ୍ରୀରାମ କ୍ଲବ ଶଙ୍ଖାଭଙ୍ଗା ବାରିପଦା, ଜଗନ୍ନାଥ ଏଫସି, ବାରିପଦା ଏବଂ ରିଟର୍ଣ୍ଣ ଜମାଇଏଫ୍‌ସି, ବାରିପଦା। ସଂଗଠନର ମୁଖ୍ୟ ସରୋଜ କୁମାର ସିଂ ଓ ଲମ୍ବୋଦର ସିଂଙ୍କ ନେତୃତ୍ୱରେ ଏନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିଶଦ ଭାବେ ଆଲୋଚନା ହୋଇଥିଲା।

## କାର୍ତ୍ତିକ ପୂର୍ଣ୍ଣିମାରେ ମା' କୀଚକେଶ୍ୱରୀଙ୍କ ସୁନାବେଶ





ବହଳଦା/ ଖୁଣ୍ଟିଂ, ୧୩।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବହଳଦା ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା' କୀଚକେଶ୍ୱରୀଙ୍କ ଦୁର୍ଲଭ ସୁନାବେଶ ଅନୁଷ୍ଠିତ ହେବ। ମା'ଙ୍କ ସୁନାବେଶ ୮ ବର୍ଷରେ ପଦାର୍ପଣ କରିଛି। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ବିଶେଷ ପୂଜା ନୀତିକାନ୍ତି ଅନୁଷ୍ଠିତ ହେବ ବୋଲି ପୂଜକ ଆର୍ଯ୍ୟଶଙ୍କର ସୂଚନା ଦେଇଛନ୍ତି। ଉକ୍ତ ଦିନ ପ୍ରାତଃ ୩ଟା ୩୦ରେ ମଙ୍ଗଳ ଆଳତି। ପ୍ରାତଃ ୪ଟାରୁ ୫.୩୦ ମିନିଟ। ପ୍ରାତଃ ୬ଟାରୁ ୭ ଘଟିକା ଉପଚାର ପୂଜା, ପ୍ରାତଃ ନୈବେଦ୍ୟ ସଂସ୍କାର ଏବଂ ମାତୃ ବନ୍ଦନ, ସକାଳ ୭ଟାରୁ ଅପରାହ୍ଣ ୨ଟା ସାଧାରଣ ଦର୍ଶନ ଏବଂ ପ୍ରସାଦବଣ୍ଟନର କାର୍ଯ୍ୟକ୍ରମ ରହିଛି। ପରିଚାଳନା କମିଟିର ସଭାପତି ସ୍ଥାନୀୟ ତହସିଲଦାରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଯାଇଛି।

## ବିପୁଳ ପରିମାଣର ଦେଶୀ ମଦ ଓ ମହୁଲ ପୋଚ ଜବତ

ରାଇରଙ୍ଗପୁର, ୧୩।୧୧(ସମିସ): ଅବକାରୀ ଉପ ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ସାଟେଲାଇଟ ୟୁନିଟ, ଜଳେଶ୍ୱରର ଭାରପ୍ରାପ୍ତ ଅଧିକାରୀ ଲକ୍ଷେସାଧବ ପ୍ରଧାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ପିଠାକୁଟୁଣୀ ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇଛି। ଚଢ଼ଉରେ ୩୮୫ ଲିଟର ଦେଶୀ ରନ୍ଧା ମଦ ଓ ୬୫୦୦ ଲିଟର ମହୁଲ ପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଜବତ ହୋଇଥିବା ଦେଶୀ ରନ୍ଧା ମଦ, ମହୁଲ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ସୂଚନା ଦେଇଛି। ଚଢ଼ଉରେ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବର, ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି, ସହ ଉପ-ନିରୀକ୍ଷକ ସୁଧାଂଶୁ ବେହେରା, କନେଷ୍ଟବଳ ବିପ୍ଳବ କୁମାର ମଲ୍ଲିକ, ବୁଦ୍ଧଦେବ ମହନ୍ତ, ତମନ ପରିଡ଼ା, ସଞ୍ଜୀବ ମହାପାତ୍ର, ରାଜେନ୍ଦ୍ର ସେନାପତି, ଜଗବନ୍ଧୁ ବାରିକ, ମଧୁସ୍ମିତା ମହନ୍ତ ସାମିଲ ଥିଲେ। ଏନେଇ ରାଇରଙ୍ଗପୁର ଅବକାରୀ ଥାନା ଏବଂ ସାଟେଲାଇଟ ୟୁନିଟ, ଜଳେଶ୍ୱର ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି।

## ବରିଷ୍ଠ ନାଗରିକ ଗୋଷ୍ଠୀ କେନ୍ଦ୍ରର ଗୃହ ପ୍ରତିଷ୍ଠା

ଖୁଣ୍ଟିଂ, ୧୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ବରିଷ୍ଠ ନାଗରିକ ଗୋଷ୍ଠୀ କେନ୍ଦ୍ରଟି ପୂର୍ବ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ସ୍ଥାନୀୟ ବେଗୁଣାବିନ୍ଧା ମୌଜାରେ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବୁଧବାର ନୂତନ ଗୃହର ପ୍ରତିଷ୍ଠା ନିମନ୍ତେ ଯଥାବିଧି ପୂଜାର୍ଚ୍ଚନା ଓ ହୋମାଦି କ୍ରିୟା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶୁକ୍ଳି ତହସିଲଦାର ଯତୀନ୍ଦ୍ର ନାଥ ସେଠୀ ଓ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ମଙ୍ଗଳ ସିଂ ମୁଦି ଯୋଗଦେଇ ନୂତନ ଗୃହକୁ ଉଦଘାଟନ କରି କେନ୍ଦ୍ର ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସଭାପତି କାହ୍ନୁଚରଣ ଗିରି, ଉପସଭାପତି ପ୍ରସନ୍ନ ପଣ୍ଡା, ସମ୍ପାଦକ ନଗେନ ପାଲ, ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପତି କାରୁଆ ସମେତ ସଂଘର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ବାବା ଭୂତେଶ୍ୱର ମହାଦେବଙ୍କ ୫୦ତମ ଆବିର୍ଭାବ ମହୋତ୍ସବ ପ୍ରସ୍ତୁତି



ବଡ଼ସାହି, ୧୩।୧୧(ସମିସ): ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ପଞ୍ଚାୟତ ବଦଲିଗାଁସ୍ଥିତ ଶିବପୁରୀ ବାବା ଭୂତେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ ମହାଦେବଙ୍କ ୫୦ତମ ଆବିର୍ଭାବ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ମହୋତ୍ସବ ଧୂମଧାମରେ ପାଳନ କରାଯିବ। ୨୧ ତାରିଖ ଅଧିବାସ ଓ ଅଙ୍କୁରାରୋପଣ। ୨୨ ତାରିଖ ମଙ୍ଗଳଆଳତୀ, ବେଦପାଠ, ସୂର୍ଯ୍ୟପୂଜା, ନାମ ସଂକୀର୍ତ୍ତନ ଦ୍ୱାରା ଗ୍ରାମ ପରିକ୍ରମା କରାଯିବ। ପରେ ରୁଦ୍ରାଭିଷେକ କରାଯାଇ ଘଟ ଉତ୍ତୋଳନ ଓ କଳସ ଶୋଭାଯାତ୍ରା, ସଂକଳ୍ପ, ଯଜ୍ଞବେଦୀ ପ୍ରତିଷ୍ଠା, ଅଗ୍ନି ସ୍ଥାପନ, ହୋମଯଜ୍ଞ ଆରମ୍ଭ ଓ ଚଣ୍ଡିପାଠ ଅନୁଷ୍ଠିତ ହେବ। ୨୩ରେ ଏସବୁ ବିଧି ବିଧାନ ସହିତ ବିଷ୍ଣୁ ପୂଜା, ମହାମାୟା ଭୂତେଶ୍ୱରୀଙ୍କ ପୂଜା, ଚଣ୍ଡିପାଠ ଓ ଯଜ୍ଞ ଆହୁତି କର୍ମ ଅନୁଷ୍ଠିତ ହେବ। ୨୪ ତାରିଖ ପୂର୍ବାହ୍ଣରେ ସମସ୍ତ ବିଧିବିଧାନ ସହିତ ସନ୍ଧ୍ୟାରେ ଆରତୀ, ପୁଷ୍ପାଞ୍ଜଳୀ, ପୂର୍ଣ୍ଣାହୁତି ପ୍ରଦାନ, ଆର୍ଶୀବାଦ ଗ୍ରହଣ ଓ ଚରୁବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ଦିନ ଧରି ସନ୍ଧ୍ୟାରେ 'ସାଧୁବାଣୀ'ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କ 'ଶିବ ମହାତ୍ମ୍ୟ', 'ଶିବ ମହିମା' ଓ 'ଶିବ ଅନୁଚିନ୍ତା' ଉପରେ ପ୍ରବଚନ ଦେବେ ବୋଲି ଜଣାଯାଇଛି। ପୀଠରେ ବାବା ଭୂତେଶ୍ୱରଙ୍କର ଆବିର୍ଭାବ ଏକ ଅଲୌକିକ ଘଟଣା। ୧୯୭୫ ମସିହା ମାର୍ଗଶୀର ମାସ ୧୧ଦିନ ପ୍ରଥମାଷ୍ଟମୀ, କୋରାପୁଟ ଜିଲ୍ଲାର ଚିତ୍ରକୁଣ୍ଡାସ୍ଥ ଗୁପ୍ତେଶ୍ୱର ମହାଦେବଙ୍କ ଶୈବ ପୀଠରୁ ସ୍ୱପ୍ନାଦେଶ ପାଇ ସ୍ୱାମୀ ଅର୍ଜ୍ଜୁନ କର ଏଠାରେ ପହଞ୍ଚିଥିଲେ। ସ୍ୱପ୍ନାଦେଶ ବିଷୟରେ ଜଣାଇବା ପରେ ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ପ୍ରାୟ ୬ଫୁଟ ଖନନ ପରେ ମହାପ୍ରଭୁଙ୍କର ଶକ୍ତି ଆବିର୍ଭୂତ ହୋଇଥିଲେ। ପରେ ଏହା 'ଭୂତେଶ୍ୱର ମହାଦେବ' ନାମରେ ନାମିତ ହୋଇଥିଲା।

**୩ଦିନ ଧରି ଧୂମଧାମରେ ହେବ ମହୋତ୍ସବ**

# ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ହୋ' ଶିକ୍ଷକ ନିଯୁକ୍ତି ଦାବି



ରାଇରଙ୍ଗପୁର, ୧୩।୧୧(ସମିସ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୬୦୨୦ ପଦବୀ ଏଲଟିଆର ଶିକ୍ଷକ ନିଯୁକ୍ତି ଦିଆଯିବା ପାଇଁ ବିଗତ ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏଥିରେ ହୋ' ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଉଲ୍ଲେଖ ନ ଥିବା ପ୍ରତିବାଦରେ ଏକ ସ୍ମାରକପତ୍ର ସୋମବାର ହୋ' ସମାଜ ପକ୍ଷରୁ ବରିଷ୍ଠ ଶିକ୍ଷାବିତ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ସ୍ୱାକ୍ଷରିତ ଦାବିପତ୍ର ହୋ' ସମାଜସେବୀ ଗାମାୟ ରୀମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶା ଯାଇଛି ଯେ ଓଡ଼ିଶା ଷ୍ଟାଫ ସିଲେକ୍‌ସନ କମିଶନ ପକ୍ଷରୁ ଗତ ୨୨ ତାରିଖରେ ୪୨୩୧ ନମ୍ବର ବିଜ୍ଞପ୍ତି ଅନୁଯାୟୀ ୬୦୨୫ ଏଲଟିଆର ଶିକ୍ଷକଙ୍କୁ ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଦିଆଯିବ। ନିଯୁକ୍ତି ଦିଆଯିବାକୁ ଥିବା ୬୦୨୫ ଶିକ୍ଷକଙ୍କ ମଧ୍ୟରୁ ୧୯୮୪ ଜଣ ଟିଜିଟି କଳା, ୧୦୨୦ ଜଣ ଟିଜିଟି ବିଜ୍ଞାନ(ପିସିଏମ), ୮୮୦ ଜଣ ଟିଜିଟି ବିଜ୍ଞାନ(ସିବିଜେଡ), ୭୧୧ ଜଣ ହିନ୍ଦୀ ଶିକ୍ଷକ, ୬୨୯ ଜଣ ସଂସ୍କୃତ ଶିକ୍ଷକ, ୬ ଜଣ ତେଲୁଗୁ ଶିକ୍ଷକ, ୧୪ ଜଣ ଉର୍ଦ୍ଦୁ ଶିକ୍ଷକ ଏବଂ ୬୮୧ ଜଣ ପିଇଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଏତେ ବଡ଼ ନିଯୁକ୍ତି ପ୍ରକ୍ରିୟା ରାଜ୍ୟରେ ଥିବାକୁ ବେଳେ ହୋ' ଭାଷା ଶିକ୍ଷକ ନିଯୁକ୍ତିକୁ ଏଥିରେ ସ୍ଥାନ ମିଳିପାରି ନ ଥିବାରୁ ହୋ' ଭାଷାଭାଷୀଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦାବିପତ୍ର ପ୍ରଦାନ ସମୟରେ ସମାଜସେବୀ ଧନି ଗୋଇପାଇ, କର୍ମଧର ଜାମୁଦା, ରାଜୁ ଗୁନ୍ଦୁଆ, ସମାଜସେବୀ ମାନୁ ସାଉୟା, କୁସୁନୁ ଗିଲୁଆ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଓଡ଼ିଶାରେ ବସବାସ କରୁଥିବା ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହୋ' ଭାଷାଭାଷୀଙ୍କ ମଧ୍ୟରେ ଅଧିକାଂଶ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଦେବଗଡ଼, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ରହିଛନ୍ତି। ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ରୂପେ ହୋ' ଭାଷାକୁ ଗ୍ରହଣ କରାଯିବାକୁ ଦାବି କରାଯାଉଥିବା ପରିପ୍ରେକ୍ଷୀରେ ହୋ' ଭାଷାଭାଷୀଙ୍କ ଏକ ପ୍ରତିନିଧି ଦଳ ନିକଟରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରାଯିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ। ସୂଚନାଯୋଗ୍ୟ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରେ ହୋ' ଭାଷାକୁ ଦ୍ୱିତୀୟ ରାଜଭାଷା ରୂପେ ଗ୍ରହଣ କରାଯାଇଛି।

## ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ



ଉଦଳା, ୧୩।୧୧(ସମିସ): ମୟୂରଭଞ୍ଜର ଅଗ୍ରଣୀ ସଂଗଠନ ମାସା, ଉଦଳା ତରଫରୁ ମହାବିଦ୍ୟାଳୟରେ ନୂତନ କରି ଯୋଗଦେଇଥିବା +୨ ଓ +୩ ପ୍ରଥମ ବର୍ଷର ଆଦିବାସୀ ଏବଂ ହରିଜନ ଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱାଗତ ଉତ୍ସବ ଆୟୋଜିତ ହୋଇଯାଇଛି। ସଂଗଠନର ସଭାପତି ଦୁଲରାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଯତୀନ କୁମାର ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଡ. ଆଲୋକ ରଞ୍ଜନ ପ୍ରଧାନ ମାସା ସଂଯୋଜକ, ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଅଧ୍ୟାପକ ଭୀମ ସୋରେନ, ମୁଖ୍ୟ ଗ୍ରନ୍ଥାଗାରିକ, ଇତିହାସ ବିଭାଗର ମୁଖ୍ୟ, ରାଜନୀତି ବିଭାଗର ଅଧ୍ୟାପକ, ପୂର୍ବତନ ମାସା ସଭାପତି ଭଜନନ୍ଦ ହେମ୍ବ୍ରମ୍ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ସଫଳତାର ବିଭିନ୍ନ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ସାମାଜିକ ବିଜ୍ଞାନର ଅଧ୍ୟାପକ ସୌମେନ୍ଦ୍ର କୁମାର ଦାସ, ଈଶ୍ୱର ଚନ୍ଦ୍ର ମୁର୍ମୁ, ଅଧ୍ୟାପିକା ଅନିତା ଦଲେଇ, ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ କନୱାର ସୋରେନ, ଅଧ୍ୟାପିକା ଭାରତୀ ନାଏକ, ସୁଧାସାବିତ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମନୋଜ କୁମାର ସିଂ ଏବଂ ସହ ସମ୍ପାଦକ ମାଳତୀ ସୋରେନ ବାର୍ଷିକ ବିବରଣୀ ପାଠ କରିଥିଲେ। ଚାନ୍ଦ ମାଝୀ ଓ ଶୁଭଲକ୍ଷ୍ମୀ ମାର୍ଣ୍ଡି ଆଭିମୁଖ୍ୟ ପ୍ରଦାନ କରିଥିଲେ। କର୍ଯ୍ୟକ୍ରର୍ମକୁ କାର୍ମି ମୁର୍ମୁ, ମାଳତୀ ମୁର୍ମୁ, ରଚିତା ସିଂ, ବିକ୍ରମ ମୁର୍ମୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ରଶ୍ମି ସୋରେନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଚିତ୍ରଡ଼ାରେ ଗୋଷ୍ଠାଷ୍ଟମୀ ପାଳିତ



ମୋରଡ଼ା, ୧୩।୧୧(ସମିସ): ବିଶ୍ୱହିନ୍ଦୁ ପରିଷଦ ମୋରଡ଼ା ପ୍ରଖଣ୍ଡ ତରଫରୁ ଚିତ୍ରଡ଼ାରେ ପରିଷଦର ମହାନ ପର୍ବ ଗୋଷ୍ଠାଷ୍ଟମୀ ପାଳିତ ହୋଇଯାଇଛି। ପ୍ରଖଣ୍ଡ ସଭାପତି ନରେନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ସନ୍ତୋଷ ମହାନ୍ତ ଆଦି ଲୋକମାନେ ଗାଁର ଗାଈମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ପୂଜା ଓ ବନ୍ଦାପନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ଅଜୟ କୁମାର ପାଳ ଯୋଗଦେଇ ଗୋମାତା ଏବଂ ହିନ୍ଦୁ ଧର୍ମରେ ଏହାର କେତେ ଗୁରୁତ୍ୱ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ବିଭିନ୍ନ ଲୋକମାନଙ୍କ ଗାଈଗୁହାଳ ପରିଦର୍ଶନ କରି ପରିଷ୍କାର ରଖିଥିବା ଗୋ ସେବକଙ୍କୁ ଶ୍ରୀ ପାଳ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

## 'ସଙ୍ଗୀତା କ୍ରିଏଟିଭ୍' ପ୍ରତିଯୋଗିତା

ମୋରଡ଼ା, ୧୩।୧୧(ସମିସ): ମୋରଡା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୀ ଉତ୍ସବ ଉପଲକ୍ଷେ ସଙ୍ଗୀତା କ୍ରିଏଟିଭ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷିକେଶ ବେହେରାଙ୍କ ଧର୍ମପତ୍ନୀ ସ୍ୱର୍ଗତ ସଙ୍ଗୀତା ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ପ୍ରତିଯୋଗିତା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ବିଷୟ ବସ୍ତୁ 'ଦାନା' ଥିବାବେଳେ ପ୍ରତିଯୋଗିତାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକୀ ଉତ୍ସବ ତଥା ଶିଶୁ ଦିବସ ଦିନ ପୁରସ୍କୃତ କରାଯିବ। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ହୃଷିକେଶ ବେହେରା ପୁରସ୍କାର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅରୁଣ କୁମାର ବେହେରା, ରାଜୀବ କୁମାର ଜେନା ଓ ସରୋଜିନୀ ବେହେରା ପ୍ରମୁଖ ସହେଯାଗ କରିଥିଲେ।

## ୨୯ତମ ଜଗଦ୍ଧାତ୍ରୀ ପୂଜା ଓ କ୍ରୀଡ଼ା ଉତ୍ସବ

ରାସଗୋବିନ୍ଦପୁର, ୧୩।୧୧(ସମିସ): ବଧିମୁଁହ ଜଗଦ୍ଧାତ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ୨୯ତମ ଜଗଦ୍ଧାତ୍ରୀ ପୂଜା ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। କ୍ଲବର ସଦସ୍ୟମାନେ କୁନି ପ୍ରତିଭାଙ୍କର ବିକାଶ ପାଇଁ ମ୍ୟୁଜିକ ଚେଆର, ଛୁଞ୍ଚି ସୂତା ଦୌଡ଼ରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭାପତି ସୁଜିତ୍ ନାୟକ, ସମ୍ପାଦକ ପର୍ଶୁରାମ ଆଚାର୍ଯ୍ୟ, ସଦସ୍ୟ ଦେବୁ ଓ ଅନ୍ୟମାନେ ସହଯୋଗ କରିଥିଲେ। ବଧିମୁଁହ ଓ ଅମର୍ଦ୍ଦା ଗ୍ରାମର ମିଳିତ ସହଯୋଗରେ ଜଗଦ୍ଧାତ୍ରୀ ପୂଜା ୨୯ ବର୍ଷରେ ସାଫଲ୍ୟ ପଦାର୍ପଣ କରିଥିବା ନେଇ ଉପଦେଷ୍ଟା ଜଗନ୍ନାଥ ପଣ୍ଡା ପ୍ରକାଶ କରିଥିଲେ। ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ସୁବାସଚନ୍ଦ୍ର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ଚାଷୀଙ୍କ ପାଇଁ ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ମହୁଲଡିହା, ୧୩।୧୧(ସମିସ): ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମହୁଲଡିହା ପଞ୍ଚାୟତ ଅଧୀନ ଜାମୁନାଳିଆ ଗ୍ରାମରେ ଚାଷୀଙ୍କ ପାଇଁ ଦିନିକିଆ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଚାଷବାସ ଓ ତାଲିମ ଆଦି ବିଷୟରେ ନିଜ ବକ୍ତବ୍ୟ ଦେଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁଜନ କୁମାର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ କୃଷି ଓଭରସିଓର ବାଦଲ ଦାସ, ଏସସିଇଡବ୍ଲୁ ମଣିଭଦ୍ର ଦାସ, ପ୍ରାଣୀ ଚିକିତ୍ସକ ଡା. ପ୍ରୀତିପ୍ରସନ୍ନ ସାହୁ, କନିଷ୍ଠ ମତ୍ସ୍ୟ ଚାଷ ସହଯୋଗୀ ଦିଲ୍ଲୀପ କୁମାର ଜେନା, ଏପିସି ପ୍ରକଳ୍ପ ସଂଯୋଜକ ଦୀପକ କୁମାର ସି ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ ସୁଜନ କୁମାର ନରେନ୍ଦ୍ର ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

## ଚାରାରୋପଣ ଶିବିର ଉଦ୍‌ଯାପିତ

ଝାରପୋଖରିଆ/ସାରସକଣା, ୧୩।୧୧(ସମିସ): ସ୍ଥାନୀୟ ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ +୨ ଜାତୀୟ ସେବାଯୋଜନା ଯୁଗ୍ମ ଶାଖା ଦ୍ୱାରା ୭ଦିନିଆ ଚାରାରୋପଣ ଓ ରକ୍ଷଣାବେକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରାକୃତିକ ପରିବେଶପୂର୍ଣ୍ଣ ଓଡ଼ିଶା ଓ ସରକାରଙ୍କ ଜାତୀୟ ସେବାଯୋଜନା ଶାଖା ଚଳିତ ବର୍ଷ ୨ଲକ୍ଷ ୫୦ହଜାର ଚାରାରୋପଣ ଓ ସେଗୁଡିକ ବଡ଼ ହେବା ପର୍ଯ୍ୟନ୍ତ ସ୍ୱତନ୍ତ୍ରଭାବେ ଯତ୍ନ ନେବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହାର ଅଂଶୀଦାର ରୂପେ ସୀମାନ୍ତ ମହାବିଦ୍ୟାଳୟ +୨ ଜାତୀୟସେବାଯୋଜନା ଶାଖା ୨୦୦ ଚାରାରୋପଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି।

## ଦେଉଳିରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ କର୍ମଶାଳା

ଶୁଳିଆପଦା, ୧୩।୧୧(ସମିସ): ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ମନ୍ତ୍ରଣାଳୟ ପକ୍ଷରୁ ଦେଉଳି ପଞ୍ଚାୟତ ପରିସରରେ ବିଭିନ୍ନ ଗ୍ରାମର ମହିଳାଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେଭିଆଇସିର ଆସିଷ୍ଟାଣ୍ଟ ଡାଇରେକ୍ଟର ବିଚିତ୍ରାନନ୍ଦ ପଣ୍ଡା ଭୁବନେଶ୍ୱର, ଜୁନିୟର ଏକଜିକ୍ୟୁଟିଭ ପ୍ରଶାନ୍ତ କୁମାର ସାହୁ, ବାରିପଦା ଅରମାସର ଡେପୁଟି ସିଇଓ ବିମାନ ମଲ, ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଡିଏମ, ସୂର୍ଯ୍ୟନାରାୟଣ ମହାନ୍ତି, ଡିଆଇସି ମ୍ୟାନେଜର ଅଜୟ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାର ଉଦ୍ଦେଶ୍ୟ ନେଇ କର୍ମଶାଳାର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୋନାଲି ସୋରେନ୍, ପିଇଓ ଅଲିଭ ରଞ୍ଜନ ମହାନ୍ତ, ଏଡିଇଓ ସୁମିତ୍ରା ଘଡେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ବିଭିନ୍ନ ଗ୍ରାମରୁ ଉଦ୍ୟୋଗୀ ମହିଳା ଓ ସ୍ୱୟଂସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।

## ଷ୍ଟମ୍ପଟେଲ୍ ମାଙ୍କଡ଼ର ମୃତ୍ୟୁ

**ବାରଙ୍ଗ,୧୩।୧୧(ସମିସ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ବିଳମ୍ବିତ ରାତିରେ ପୁଣି ଗୋଟିଏ ମାଈ ଷ୍ଟମ୍ପଟେଲ୍ ମାଙ୍କଡ଼ର ମୃତ୍ୟୁ ହୋଇଛି। ପୂର୍ବରୁ ଗତ ଜୁନ ମାସ ୨ ତାରିଖରେ ଗୋଟିଏ ଅଣ୍ଡିରା ଷ୍ଟମ୍ପଟେଲ୍ ମାଙ୍କଡର ହଠାତ ମୃତ୍ୟୁ ହୋଇଥିଲା ବେଳେ ପୁଣି ଏହି ମାଙ୍କଡର ମୃତ୍ୟୁ ପଶୁପ୍ରେମୀଙ୍କୁ ବ୍ୟଥିତ କରିଛି। ଏହି ମାଙ୍କଡର ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଏହି ମାଙ୍କଡ ନିଜ ନିଜ ଭିତରେ ମାରପିଟ୍ ହୋଇ ମୃତ୍ୟୁ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏବେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୬କୁ ହ୍ରାସ ପାଇଛି।

■ ଖାଦ୍ୟ ପାଇଁ ସ୍ୱାମୀଙ୍କୁ ଅପେକ୍ଷା କରିବାକୁ କହିବା ସ୍ୱାଭାବିକ

## ପତ୍ନୀହନ୍ତାଙ୍କ ଆଜୀବନ ଜେଲ୍ ଦଣ୍ଡାଦେଶ ହାଇକୋର୍ଟରେ କାଏମ୍

**କଟକ,୧୩।୧୧(ସମିସ):** ଖାଦ୍ୟ ପ୍ରସ୍ତୁତି ଚାଲିଥିବାରୁ ପତ୍ନୀ ତାଙ୍କ ସ୍ୱାମୀଙ୍କୁ ଖାଦ୍ୟ ପାଇଁ କିଛି ସମୟ ଅପେକ୍ଷା କରିବାକୁ କହିବା ସ୍ୱାଭାବିକ ଘଟଣା ଅଟେ। ଏହା କୌଣସି ଗମ୍ଭୀର ଏବଂ ହଠାତ ଉତ୍ତେଜନା ସୃଷ୍ଟିର ପରିସ୍ଥିତି ନୁହେଁ; ଯାହା ତାଙ୍କର ଜୀବନ ନେଇଯିବ। ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏଭଳି କହିଛନ୍ତି। ପତ୍ନୀ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ନିମ୍ନ ଅଦାଲତ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିବା ବେଳେ ହାଇକୋର୍ଟ ଏହାକୁ କାଏମ ରଖିବା ସହ ରାୟରେ ଏହା ଉଲ୍ଲେଖ କରିଛନ୍ତି। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ରାଜକିଶୋର ଜେନା ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ଶୁଣାଇଛନ୍ତି। ଏହା ଉପରୋକ୍ତ ପରିସ୍ଥିତି ଜନିତ ମୃତ୍ୟୁ ନୁହେଁ ବରଂ ଏକ ହତ୍ୟାକାଣ୍ଡ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସେହିଭଳି ମାତାଙ୍କ ହତ୍ୟାକାଣ୍ଡ ଘଟଣାରେ ନିଜ ପିତାଙ୍କ ନାମରେ ଘଟଣାର ସାକ୍ଷୀ ନାବାଳିକା ଝିଅ ମିଥ୍ୟା ଅଭିଯୋଗ କରିବାର କୌଣସି କାରଣ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଗତ ୨୦୦୮ ସେପ୍ଟେମ୍ବର ୨୫ରେ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନାରେ ଆବେଦନକାରୀ ବିଲରୁ ଫେରି ପତ୍ନୀ ବେଙ୍ଗ ଜେନାଙ୍କୁ ଖାଇବାକୁ ମାଗିବାରୁ ପତ୍ନୀ ଖାଦ୍ୟ ତିଆରି ଚାଲିଛି, ଅପେକ୍ଷା କରିବାକୁ କହିଥିଲେ। ହେଲେ ସ୍ୱାମୀ କଟୁରି ଆଣି ପତ୍ନୀଙ୍କୁ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ନିଜ ପିତାଙ୍କ ନାମରେ ନାବାଳିକା ଝିଅ ମଙ୍ଗଳପୁର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ୨୦୦୯ ନଭେମ୍ବର ୨୭ରେ ଯାଜପୁର ଆଡହକ ଅତିରିକ୍ତ ଦୌରା ଜଜ ଅଭିଯୁକ୍ତଙ୍କୁ ଆଇପିସି ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ ସହ ଆଜୀବନ ଜେଲଦଣ୍ଡାଦେଶ ଶୁଣାଇଥିଲେ। ଏହି ରାୟ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ହତ୍ୟାକାରୀଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର, ୧୩।୧୧(ସମିସ):** ବୁଧବାର ଏକ ନରହତ୍ୟା ମାମଲାର ବିଚାର କରି କେନ୍ଦୁଝର କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ ସଦର ଥାନା ଅନ୍ତର୍ଗତ ମଇଦାନକେଲ ଗ୍ରାମର ଆସାମୀ ସୁଶାନ୍ତ ନାଏକଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ରାୟ ପ୍ରକାଶ କରିଛନ୍ତି। ଜଳଧର ମହାନ୍ତଙ୍କ ଘର ସାମ୍ନାରେ ଗତ ୭।୧୨।୨୦୧୫ ରାତ୍ର ୧୦ଟା ସମୟରେ ମଇଦାନକେଲ ଗ୍ରାମର ସୁଶାନ୍ତ ନାଏକ, ମିଥୁନ ମହାପାତ୍ର ଓ ରାଜୁ ମହାକୁଡ ଗଣ୍ଡଗୋଳ କରୁଥିବା ସମୟରେ ଶ୍ରୀ ମହାନ୍ତ ଘର ସାମ୍ନାରେ ଏପରି କାହିଁକି ଗଣ୍ଡଗୋଳ କରୁଛ ବୋଲି କହିବାରୁ ଆସାମୀ ସୁଶାନ୍ତ ନାଏକ ହାତରେ ଧରିଥିବା ଏକ କ୍ରିକେଟ ଷ୍ଟମ୍ପରେ ଆକ୍ରମଣ କରିଥିଲା। ଏହାଫଳରେ ଜଳଧର ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଏହାକୁ ନେଇ ମୃତକଙ୍କ ପୁଅ ତୁଳସୀଦାସ ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ କରି ୩ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସୁଶାନ୍ତ ନାଏକଙ୍କୁ କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ମମିତା ଦାସ ଆଇପିସି ୩୦୪(୨) ଧାରାରେ ଦୋଷୀ ପାଇ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଅନ୍ୟ ଆସାମୀ ମାନଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ଆଡିସନାଲ ପିପି ପ୍ରଫୁଲ୍ଲ ପାତ୍ର କେଶ ପରିଚାଳନା କରୁଥିଲେ।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଅନୁଗୋଳ,୧୩।୧୧(ସମିସ):** ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ବୁଧବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ୍ (ଫାଷ୍ଟ ଟ୍ରାକ କୋର୍ଟ) ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ମଧ୍ୟ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ଯୁବକ ହେଲେ ନାଲକୋନଗର ଥାନା କୁଲାଡ଼ ଗ୍ରାମର ଗଦାଧର ଭୁତିଆଙ୍କ ପୁଅ ରୁଦ୍ରନାରାୟଣ ଭୁତିଆ (୨୫)। ୨୦୨୦ ଅଗଷ୍ଟ ୬ ରାତିରେ ଅନୁଗୋଳ ଜିଲ୍ଲା ନାଲକୋନଗର ଥାନା ଅଞ୍ଚଳର ଏହି ନାବାଳିକା ନିଖୋଜ ହୋଇଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼଼ଉ କରିଥିଲା। ଇତିମଧ୍ୟରେ ସମ୍ପୃକ୍ତା ନାବାଳିକାଙ୍କୁ ରୁଦ୍ରନାରାୟଣ ଅପହରଣ କରିନେଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ପୁଲିସ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ରୁଦ୍ରନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ୧୨ ଜଣ ସାକ୍ଷୀଙ୍କ ବୟାନ ତଥା ସମସ୍ତ ପ୍ରମାଣ ଆଧାରରେ ରୁଦ୍ରନାରାୟଣଙ୍କୁ ଦଣ୍ଡବିଧାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଦୀପ କୁମାର ଭୁତିଆ ଏହି ପରିଚାଳନା କରୁଥିଲେ।

■ ଜେଲ୍‌ଗୁଡ଼ିକ ପାଇଁ ସ୍ୱତନ୍ତ୍ର ପୋର୍ଟାଲ ବିକାଶ ପ୍ରସଙ୍ଗ

## ଏନ୍ଆଇସି ଓ ଜେଲ୍ ବିଭାଗର ବୈଠକ ସମ୍ପର୍କରେ ଜଣାଅ-ହାଇକୋର୍ଟ

କଟକ,୧୩।୧୧(ସମିସ): ଜେଲଗୁଡିକ ପାଇଁ ସ୍ୱତନ୍ତ୍ର ପୋର୍ଟାଲ ବିକାଶ ସମ୍ପର୍କରେ ଏନଆଇସି(ନ୍ୟାସନାଲ ଇନଫରମେଟିକ ସେଣ୍ଟର) ଓ ଜେଲ୍ ବିଭାଗ ମଧ୍ୟରେ ଆସନ୍ତାକାଲି ହେବାକୁ ଥିବା ବୈଠକ ପ୍ରସଙ୍ଗରେ ହାଇକୋର୍ଟ ଜବାବ ତଲବ କରିଛନ୍ତି। ଏହି ବୈଠକ ଅନୁଷ୍ଠିତ ହେଲାକି ନାହିଁ ସେ ସମ୍ପର୍କରେ ଜଣାଇବାକୁ କହିଛନ୍ତି ହାଇକୋର୍ଟ। କୃଷ୍ଣପ୍ରସାଦ ସାହୁଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଜେଲ ଓ ଅନ୍ତେବାସୀଙ୍କ ମୌଳିକ ସମସ୍ୟା ସମ୍ପର୍କିତ ତଥ୍ୟକୁ ସ୍ୱତନ୍ତ୍ର ପୋର୍ଟାଲ ଜରିଆରେ ସାର୍ବଜନୀନ କରାଯିବା ଉପରେ ହାଇକୋର୍ଟ ପୂର୍ବରୁ ଗୁରୁତ୍ୱାରୋପ କରିଆସିଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇପାରିନାହିଁ। ଏନଆଇସିକୁ ଗତ ମାସରେ ଏଥିପାଇଁ ଜେଲ ବିଭାଗ ପକ୍ଷରୁ ଚିଠି ଲେଖାଯାଇଥିଲା। ତେବେ ଏନଆଇସି ପକ୍ଷରୁ ମଧ୍ୟ ଆସନ୍ତାକାଲି ଅର୍ଥାତ ନଭେମ୍ବର୧୪ରେ ଜେଲ ବିଭାଗ ଏଡିଜିଙ୍କ ସ୍ୱତନ୍ତ୍ର ବୈଠକ ଆୟୋଜନ କରିବା ପାଇଁ ଉତ୍ତର ଦିଆଯାଇଥିଲା। ପୋର୍ଟାଲରେ ତଥ୍ୟ ଉପଲବ୍ଧ ହେବା ଫଳରେ ବିଭିନ୍ନ ପ୍ରସଙ୍ଗର ସହଜ ସମାଧାନ ମଧ୍ୟ କରାଯାଇପାରିବ। ଜେଲ ଗୁଡିକରେ ରହିଥିବା ଅନ୍ତେବାସୀଙ୍କ ସଂଖ୍ୟା, ସେମାନଙ୍କ ପାଇଁ ରହିଥିବା ସୁବିଧାସୁଯୋଗ ଭିତ୍ତିଭୂମି ଓ ଆଦି ପ୍ରସଙ୍ଗରେ ତଥ୍ୟକୁ ପୋର୍ଟାଲ ଜରିଆରେ ସାର୍ବଜନିନ କରିବା ପାଇଁ ଆମିକସକ୍ୟୁରୀ ରିପୋର୍ଟ ଦେଇଥିଲେ। ଗୁରୁବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି।

## ପୁଲିସ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ହତ୍ୟା

**ମାଲକାନଗିରି, ୧୩।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲାରେ ପୁଣି ପୁଲିସ ସୂଚନାଦାତା ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି ମାଓବାଦୀ। ବିଜାପୁର ଜିଲ୍ଲା ଜଙ୍ଗଲା ପୁଲିସ ଥାନା ଅଧୀନରେ ଥିବା ପୋଟେନାର ଗ୍ରାମରେ ନକ୍ସଲମାନେ ଏକ ପ୍ରଜାକୋର୍ଟ କରିଥିଲେ। ଏଥିରେ ପୁଲିସକୁ ସୂଚନା ଦେଉଥିବା ଅଭିଯୋଗରେ ଜଣେ ଆଦିବାସୀ ଯୁବକ ସୁବଳ ଦୁଲାରୁଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ବିଜାପୁର ଅତିରିକ୍ତ ଏସ୍‌ପି ଚନ୍ଦ୍ରକାନ୍ତ ଗଭର୍ନା ପ୍ରକାଶ କରିଛନ୍ତି ଯେ ମାଟୱାଡା ନିବାସୀ ସୁବଳ ଦୁଲାରୁଙ୍କ ହତ୍ୟା ସମ୍ପର୍କରେ ସୂଚନା ମିଳିଛି। ଏହାର ଯାଞ୍ଚ କରିବା ପାଇଁ ଏକ ପୁଲିସ ଟିମ୍ ଘଟଣାସ୍ଥଳ ଅଭିମୁଖେ ପଠାଯାଇଛି। ତଦନ୍ତ ପରେ ସମସ୍ତ ତଥ୍ୟ ଜଣାପଡ଼ିବ।

## ସୀମାନ୍ତରେ ୩ ମାଓବାଦୀ ଗିରଫ

**ମାଲକାନଗିରି, ୧୩।୧୧(ସମିସ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରରେ ନକ୍ସଲ ବିରୋଧୀ ଅଭିଯାନରେ ବେଳେ ନେମେଡ ଅଞ୍ଚଳରୁ ୩ ମିଲିସିଆଙ୍କୁ ଗିରଫ କରିଛି ପୁଲିସ। ବିଜାପୁର ଜିଲ୍ଲାରେ ନକ୍ସଲ ବିରୋଧୀ ଅପରେସନବେଳେ ନେମେଡ ଥାନା ଅନ୍ତର୍ଗତ ରାଣାପାରା ଜଙ୍ଗଲରୁ ଏହି ନକ୍ସଲମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ, ପୋଷ୍ଟର, ନିତ୍ୟ ବ୍ୟବହୃତ ସାମଗ୍ରୀ ଆଦି ଜବତ କରାଯାଇଛି। ଗିରଫ ୩ ଜଣ ସକ୍ରିୟ ନକ୍ସଲ ହେଲେ ସୋନୁ ଓୟମ(୩୫), ସନୁ ଲେକାମ(୪୦), ମାଣ୍ଡୋ ଓରଫ ମାଣ୍ଡୁ ହପିଆ (୪୮)। ଜଙ୍ଗଲ ମଧ୍ୟରେ ଏମାନେ ଲୁଚି ରହିଥିବାବେଳେ ପୁଲିସ ପକ୍ଷରୁ ତଲାସି ଅଭିଯାନ ବେଳେ ସମସ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବା ସହ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣା ପଡ଼ିଛି।

ଟାଟା ମୋଟର୍ସରେ ଚାକିରି ଠକେଇ ମାମଲା

## ସାଂସଦ ପ୍ରଦୀପ ପାଣିଗ୍ରାହୀ, ପାଠକ ବାପ-ପୁଅ ଅଦାଲତରେ ହାଜର

**ବ୍ରହ୍ମପୁର,୧୩।୧୧(ସମିସ):** ଟାଟା ମୋଟର୍ସରେ ଚାକିରି ଦେବାକୁ କହି ସ୍ଥାନୀୟ ଅଞ୍ଚଳର ଏକାଧିକ ଯୁବକଙ୍କୁ ଠକିବା ମାମଲାରେ ବୁଧବାର ବ୍ରହ୍ମପୁର ଜେଏମଏଫସି(ଗ୍ରାମୀଣ) କୋର୍ଟ ତଥା ସାଂସଦ ଓ ବିଧାୟକଙ୍କ ମାମଲାର ଶୁଣାଣି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କୋର୍ଟରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ଆଇଏଫଏସ ଅଧିକାରୀ ଅଭୟ ପାଠକ ଓ ତାଙ୍କ ପୁଅ ଆକାଶ ପାଠକ ମଧ୍ୟ କୋର୍ଟରେ ହାଜର ହୋଇଛନ୍ତି। କୋର୍ଟ ୪ଟି ମାମଲାରେ ସାଂସଦ ଡ. ପାଣିଗ୍ରାହୀଙ୍କ ସମେତ ପୂର୍ବତନ ଆଇଏଫଏସ ଅଧିକାରୀ ଅଭୟ ପାଠକ ଓ ଆକାଶ ପାଠକ ନାଁରେ ଚାର୍ଜଫ୍ରେମ କରିଥିଲେ। ପୂର୍ବରୁ ଗୋଟିଏ ଠକେଇ ମାମଲାରେ ଚାର୍ଜଫ୍ରେମ ହୋଇଥିଲା। ସେହିକ୍ରମରେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ପାଠକ ବାପ-ପୁଅଙ୍କ ନାଁରେ ଥିବା ମୋଟ ୫ଟି ଠକେଇ ମାମଲାର ଚାର୍ଜଫ୍ରେମ ସରିଛି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ସର୍ବେଶ୍ୱର ରାଓଙ୍କର ଇତି ମଧ୍ୟରେ ମୃତ୍ୟୁ ହୋଇଥିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନ୍ୟତମ ଅଭିଯୁକ୍ତ ଦିଲ୍ଲୀପ ପାଣିଗ୍ରାହୀଙ୍କୁ ଏହି ମାମଲାରୁ ବାଦ ଦିଆଯାଇଛି। ତେବେ ନ୍ୟାୟିକ ପ୍ରକ୍ରିୟା ଅନୁସାରେ କୋର୍ଟରେ ବିଚାର ଚାଲୁ ରହିବ ବୋଲି ଆଇନଜୀବୀ ବାଳକୃଷ୍ଣ ପଲେଇ କହିଛନ୍ତି।


**ପୂର୍ବ ତଟ ରେଳପଥ**

ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

ସଂ.SDCM/KUR/Parking stand/E-auction/Publication/6146, ତା.08.11.2024 ରିଖ

ଷ୍ଟେସନ ଏବଂ ସ୍ଥାନ: ରାଜଥୁନାଖାକା-2 ଦରିଆ (RSKA) (ଷ୍ଟେସନ ବିଲ୍ଡିଙ୍ଗ ର ବେସମେଣ୍ଟ ଠାରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.25.11.2024 ରିଖ 1100 ଘଟିକା।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.25.11.2024 ରିଖ 1130 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଜାଣ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

PR-722/P/24-25 — ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍



**AFFIDAVIT**

I, Shiv Kumar Singhal, S/o-Late Ram Kishore Agarwal, Resident At -Qtr. No. B/11,GMT Colony, Dera Colliery, PO -Dera Colliery, PS -Colliery, Dist -Angul, Pin - 759103, Odisha declare by this affidavit no -2766,dated-05/10/2024, that now onwards I shall be known as **SHIV KUMAR AGARWAL** for all future purposes.

**Sd/- SHIV KUMAR AGARWAL**

**AFFIDAVIT**

By virtue of an affidavit (No. 1053, dtd. 23/10/2024) before the Executive Magistrate, Rairangpur declare that after marriage I have changed my name from Nandini Baitha To Anita Kalandi for all future purposes. Henceforth, I shall be known as Anita Kalandi, W/o-Nilakantha Kalandi, resident of Vill: Talgaon, PO: TO: Talgaon, PS: Jamda, Dist: Mayurbhanj, Odisha.

**AFFIDAVIT**

I, Nirmal Das, S/o Late Narayan Chandra Das, resident of Plot no- M1 & M2, Madhusudan Nagar, Unit-4, Near Parthasarathi Complex, PO-Bhubaneswar G.P.O., Dist-Khordha, Bhubaneswar, Odisha-751001 declare by this Affidavit No. 032 dtd. 18/10/2024 that now onwards I shall be known as **NIRMAL KUMAR DAS** for all future purposes.

Sd/- **NIRMAL KUMAR DAS**

**AFFIDAVIT**

I, Manju Singhal, W/o-Shiv Kumar Agarwal, Resident At -Qtr. No. B/11,GMT Colony, Dera Colliery, PO -Dera Colliery, PS -Colliery, Dist -Angul, Pin - 759103,Odisha.declare by this affidavit no -2765,dated-05/10/2024, that now onwards I shall be known as **MANJU AGARWAL** for all future purposes.

**Sd/- MANJU AGARWAL**

**AFFIDAVIT**

By an affidavit CF No. 388/ Dt. 12.11.2024 before Executive Magistrate, Barpali I Amaresh Padhan, S/o- Ashok Padhan, At/P.O.- Satalma, P.S.- Barpali, Bargarh declare that the original security Money Receipt issued by TPWODL have missed in between barpali & Satalma Road on dt. 02.11.2024.

**if anyone found it, please contact: 93484 52281**

**AFFIDAVIT**

I Manamohan Behera (age-38) Son of Krushnachandra Behera of vill- Baradandi,Po-Baradandi,Ps-Bolagarh Dist Khordha,Odisha declare by this affidavit no. 2021 dtd-12/7/2024 that different instruments my name has mentioned Manamohan Behera and Rabindra kumar Behera.Both names are is one and same person i.e. myself.

**AFFIDAVIT**

I, Samita Rani Pani Bera, D/o-Srikanta Pani and W/o-Pallav Kumar Bera, Resident of Flat No-206, Sapphire Residency, Prasanti Vihar, Patia, Bhubaneswar, Dist-Khorda, Pin - 751024,Odisha.declare by this affidavit no -23700,dated-12/11/2024, that now onwards I shall be known as **SAMITA RANI PANI** for all future purposes.

**Sd/- SAMITA RANI PANI**

**AFFIDAVIT**

I, Monalisa Pradhan, W/o Falguni Das, resident of Plot no- M1 & M2, Madhusudan Nagar, Unit-4, Near Parthasarathi Complex, PO- Bhubaneswar G.P.O. , Dist-Khorda, Bhubaneswar, Odisha-751001 declare by this Affidavit No. 033 dtd. 18/10/2024 that now onwards I shall be known as **MONALISA DAS** for all future purposes.

**Sd/- MONALISA DAS**

**AFFIDAVIT**

I, Sonia D/o-Rakesh Bansal and W/o-Sarthak Singhal, Resident At -Qtr. No. B/11,GMT Colony, Dera Colliery, PO -Dera Colliery, PS -Colliery, Dist -Angul, Pin - 759103,Odisha, declare by this affidavit no -3110,dated-12/11/2024, that now onwards I shall be known as **SONIA SINGHAL** for all future purposes.

**Sd/- SONIA SINGHAL**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବୁଲଡୋଜରକୁ...

କୌଣସି ବ୍ୟକ୍ତି ବିରୋଧରେ ଅଭିଯୋଗ ଆସିଲେ ତା ଘରକୁ ବୁଲଡୋଜର ଲାଗି ଭଙ୍ଗାଯିବାର ପରମ୍ପରା ଗତ କିଛି ବର୍ଷ ହେଲା ଆରମ୍ଭ ହୋଇଛି। ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ଆଇନ ପ୍ରକ୍ରିୟାକୁ ଅନୁସରଣ କରୁ ନାହାନ୍ତି ଅଧିକାରୀ। ଅଭିଯୁକ୍ତଙ୍କୁ ମଧ୍ୟ ନିଜର ଯୁକ୍ତି ରଖିବାଲାଗି ସୁଯୋଗ ଦିଆଯାଉ ନାହିଁ। ଏହାକୁ ସଂପୂର୍ଣ୍ଣ ରୂପେ ବେଆଇନ ଘୋଷଣା କରି କୋର୍ଟ କହିଛନ୍ତି ଯେ ଜଣେ ଅଭିଯୁକ୍ତ ଦୋଷୀ କି ନୁହେଁ, ତାହା କେବଳ କୋର୍ଟ ହିଁ ବିଚାର କରିପାରିବେ। ଏହି କାମ କୌଣସି ଅଧିକାରୀର ନୁହେଁ। କୌଣସି ଅପରାଧିକ ମାମଲାରେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ତା ଘରକୁ ପ୍ରଶାସନ ଭାଙ୍ଗିପାରିବ ନାହିଁ। ବାସଗୃହ ହେଉଛି ଭାରତୀୟ ନାଗରିକର ମୌଳିକ ଅଧିକାର। ଏହି ଅଧିକାରକୁ କେହି ମନଇଚ୍ଛା ଛଡ଼ାଇ ନେଇପାରିବେ ନାହିଁ। ଜଣେ ବ୍ୟକ୍ତି ବିରୋଧରେ ଅଭିଯୋଗ ଆସିଲେ ପ୍ରଶାସନ ସଂପୂର୍ଣ୍ଣ ପରିବାରକୁ ନିରାଶ୍ରୟ କରିପାରିବ ନାହିଁ। ଏହା ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଛି। ଏହାକୁ କୌଣସି ପରିସ୍ଥିତିରେ ଅନୁମତି ଦିଆଯାଇ ପାରିବ ନାହିଁ। ବାସଗୃହକୁ କେବଳ ସଂପତ୍ତି ରୂପେ ବିଚାର କରାଯାଇ ପାରିବ ନାହିଁ, ଏହା ହେଉଛି ପରିବାରର ଆଶ୍ରୟସ୍ଥଳୀ। ଘର ଭାଙ୍ଗିବା ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ପ୍ରଶାସନ ସଂପୃକ୍ତ ପରିବାର ଏବଂ ବିଶେଷ କରି ମହିଳା ଓ ଶିଶୁଙ୍କ କଥା ଉପେରେ ଚିନ୍ତା କରିବା ଉଚିତ। ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଯୋଗୁଁ ରାତାରାତି ମହିଳା ଓ ଶିଶୁ ରାସ୍ତା ଉପରେ ଆଶ୍ରୟ ନେବା ଦୃଶ୍ୟ ଆଦୌ ଗ୍ରହଣୀୟ ନୁହେଁ। କାର୍ଯ୍ୟାନୁଷ୍ଠାନ ବେଳେ ପ୍ରଶାସନ ଆଇନକୁ ବେଖାତିର କଲେ ସଂପୃକ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ପଡ଼ିବ। କେବଳ ଏତିକି ନୁହେଁ, ସଂପୃକ୍ତ ଅଧିକାରୀଙ୍କ ବେତନରୁ ଏହି କ୍ଷତିପୂରଣ ଆଦାୟ କରାଯିବ। ବେଆଇନ ନିର୍ମିତ କୌଣସି ଢାଞ୍ଚା ଭାଙ୍ଗିବା ପୂର୍ବରୁ ସଂପୃକ୍ତ ପରିବାରକୁ ୧୫ ଦିନର ନୋଟିସ ଦେବାକୁ ପ୍ରଶାସନ ବାଧ୍ୟ। ଏହି ନୋଟିସର ଉତ୍ତର ନମିଳିଲେ ପ୍ରଶାସନ କେବଳ ଆଇନ ଅନୁଯାୟୀ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ତେବେ ଏହି ଗାଇଡଲାଇନ୍ସ କୋର୍ଟ ଅନୁମୋଦିତ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଲାଗୁ ହେବନାହିଁ। ସାଧାରଣ ରାସ୍ତାକୁ ଅବରୋଧ କରୁଥିବା ବେଆଇନ ଭାବେ ନିର୍ମିତ ଧାର୍ମିକ ଅନୁଷ୍ଠାନକୁ ମଧ୍ୟ ଏହି ଗାଇଡଲାଇନ୍ସର ସୁବିଧା ମିଳିବ ନାହିଁ। ଭାରତ ଏକ ଧର୍ମନିରପେକ୍ଷ ଦେଶ ବୋଲି ଉ।।ଲ୍ଲେଖ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସାର୍ବଜନୀନ ସ୍ଥାନରେ ବେଆଇନ ଭାବେ ନିର୍ମିତ ଯେକୌଣସି ଧାର୍ମିକ ପ୍ରତିଷ୍ଠାନକୁ ଭଙ୍ଗାଯାଇପାରିବ, କିନ୍ତୁ ଏଥିରେ କୌଣସି ପ୍ରକାର ପାତରଅନ୍ତର କରାଯାଇପାରିବ ନାହିଁ।

ସୂଚନାଯୋଗ୍ୟ ।।ଯେ ବିଭିନ୍ନ ରାଜ୍ୟରେ ଚାଲିଥିବା ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଏକାଧିକ ସଂଗଠନ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ପ୍ରଶାସନ ଏଭଳି କାର୍ଯ୍ୟାନୁଷ୍ଠାନ ଏକତରଫା ଭାବେ ଗ୍ରହଣ କରୁଛି ଏବଂ ଏଥିରେ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟକୁ ଟାର୍ଗେଟ କରାଯାଉଛି। ସର୍ବୋଚ୍ଚ ଅଦାଲତ ଜାରି କରିଥିବା ଗାଇଡଲାଇନ୍ସରେ କୁହାଯାଇଛି ଯେ ଘର ଭାଙ୍ଗି ଜ।।ଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ଲାଗି ପ୍ରଶାସନର ଉଦ୍ୟମ ହେଉଛି ଅସାମ୍ବିଧାନିକ। କୌଣସି ବେଆଇନ ଘର ଭାଙ୍ଗିବା ପୂର୍ବରୁ ୧୫ ଦିନର ନୋଟିସ ଦିଆଯିବା ଜରୁରୀ। ନୋଟିସର ଉତ୍ତର ନମିଳିଲେ ଆଇନ ଅନୁଯାୟୀ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ତେବେ ସ୍ୱଚ୍ଛତା ଅବଲମ୍ବନ ପାଇଁ ସମଗ୍ର କାର୍ଯ୍ୟାନୁଷ୍ଠାନର ଭିଡିଓଗ୍ରାଫି କରାଯିବ। ଗାଇଡଲାଇନ୍ସର ଉଲ୍ଲଙ୍ଘନ କରୁଥିବା ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ହେବ। ଭଙ୍ଗାଯାଇଥିବା ଘରର ପୁନଃନିର୍ମାଣ ପାଇଁ ଅଧିକାରୀଙ୍କ ବେତନରୁ ଟଙ୍କା ଆଦାୟ କରାଯିବ। ଏହି ଅର୍ଥରେ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

## ପାରଦର୍ଶୀ ହେବ...

ସେବା ପ୍ରଦାନକାରୀ ସଂସ୍ଥା ଅନିୟମିତତାରେ ଜଡ଼ିତ ଥିଲେ ତାଙ୍କ ଉପରେ କୋଟିଏ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗିବ। ଜରିମାନା ପୈଠ ନ କଲେ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଏହି ପ୍ରସ୍ତାବ ସହ ମୋଟ ୮ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି), ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସଏସଏସସି), ଓଡ଼ିଶା କର୍ମଚାରୀ ଚୟନ ଆୟୋଗ(ଓଏସଏସସି), ସେବା ଚୟନ ବୋର୍ଡ, ଓଡ଼ିଶା ଶିକ୍ଷା(ରାଜ୍ୟ ପାଇଁ ସିଲେକ୍ସନ ବୋର୍ଡ) ରୁଲସ-୧୯୯୨, ଓଡ଼ିଶା ଜେଇଇ ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ କମିଟି/ଏଜେନ୍ସୀ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ସମସ୍ତ ସରକାରୀ ନିଯୁକ୍ତି ଭିତ୍ତିକ ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଏହି ନୂଆ ଆଇନ ପ୍ରସ୍ତୁତ ହେବ। ସରକାରୀ ପରୀକ୍ଷା ମିଥ୍ୟା ପରିଚୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସଂକ୍ରାନ୍ତ ସୂଚନା ଲିକ୍, ପରୀକ୍ଷା ହଲ୍ ଭିତରକୁ ଅନଧିକୃତ ଲୋକଙ୍କ ପ୍ରବେଶ, ପରୀକ୍ଷାରେ ବ୍ୟାଘାତ ସୃଷ୍ଟି ଆଦିକୁ ରୋକିବା ସହ ପରୀକ୍ଷାର ଅଖଣ୍ଡତା ବଜାୟ ରଖିବା ପାଇଁ ଏହି ବିଲ୍ ଅଣାଯାଇଛି।

ଅନୁରୂପ ଭାବରେ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନା ଅଧିନରେ ଆସନ୍ତା ୫ ବର୍ଷ ମଧ୍ୟରେ ମୋଟ ୨୨୩୯ କୋଟି ଟଙ୍କା ଖର୍ଚ୍ଚ ହେବ। ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇଁ ମଧୁର ଜଳ, ଖାରି ଜଳ ଏବଂ ସାମୁଦ୍ରିକ ଜଳ ପରି ସମସ୍ତ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଯୋଜନା ମାଧ୍ୟମରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୪ ଲକ୍ଷ ମତ୍ସ୍ୟଜୀବୀ ଉପକୃତ ହେବେ। ସେହିପରି 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନାନ୍ତର୍ଗତ କୁକୁଟ ଉନ୍ନୟନ' ଉପଯୋଜନା ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ପାଇଛି। ଏହି ଉପଯୋଜନାରେ ଆସନ୍ତା ୫ ବର୍ଷ ପାଇଁ ୧୦୩୧.୧୯ କୋଟି ଟଙ୍କା ଖର୍ଚ୍ଚ ହେବ। ପୁନଶ୍ଚ ବାର୍ଷିକ ୯୫.୫୮ ଟିଏମ୍‌ଟି କକୁଡ଼ା ମାଂସ ଓ ଦୈନିକ ପ୍ରାୟ ୫.୫ ଲକ୍ଷ ଅଣ୍ଡା ଉତ୍ପାଦନ ହେବ। ପୁନଶ୍ଚ ଗୋମାତା ଯୋଜନାରେ ୨୦୨୪-୨୫ରୁ ୨୦୨୬-୨୭ ଯାଏଁ ୩୪୨.୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ଚାଷୀମାନଙ୍କୁ ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟତା କେନ୍ଦ୍ର, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ମାଧ୍ୟମରେ ଚିକିତ୍ସା, ଟୀକାକରଣ, ରୋଗ ନିୟନ୍ତ୍ରଣ ଆଦି ସେବା ଦ୍ୱାରା ଉପକୃତ କରିବ। ଏହି ଯୋଜନାରେ ପର୍ଯ୍ୟାୟକ୍ରମେ ବାର୍ଷିକ ୨.୫ କୋଟି ଟୀକାକରଣ ଏବଂ ବାର୍ଷିକ ୧.୩୦ କୋଟି ପ୍ରାଣୀଧନର ଚିକିତ୍ସା ହେବ। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ରାଜ୍ୟସ୍ତରୀୟ ଯୋଜନା ଭିତ୍ତିଭୂମି ବିକାଶକୁ ମଧ୍ୟ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ। ଏହି ଯୋଜନା ପାଇଁ ୪୪୯.୭୧ କୋଟି ଖର୍ଚ୍ଚ ହେବ। ଅପରପକ୍ଷେ ମତ୍ସ୍ୟଚାଷ ସମ୍ବନ୍ଧୀୟ ଭିତ୍ତିଭୂମି ବିକାଶ ଯୋଜନା ଅଧିନରେ ଆଗାମୀ ୩ ବର୍ଷ ମଧ୍ୟରେ ୩ଟି ଉପଯୋଜନା ଯଥା ଭିତ୍ତିଭୂମି ବିକାଶ, ଅଫିସ ଗୃହ ନିର୍ମାଣ ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ମୋଟ ୬୯୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ଅଧିନରେ ମତ୍ସ୍ୟ ବିଭାଗ ଅଧିନରେ ୩ ବର୍ଷ ମଧ୍ୟରେ ୬୧୯ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ୩ ବର୍ଷ ମଧ୍ୟରେ ୧୬ ଲକ୍ଷ ମତ୍ସ୍ୟଜୀବୀ ଉପକୃତ ହେବେ।

## ଦିଲ୍ଲୀ ସ୍ଥିତି...

ଆସ୍ତରଣ ଦେଖାଯାଇଛି। ଲୋକେ ପ୍ରଦୂଷଣ ଯୋଗୁ ଅଣନିଶ୍ୱାସୀ ହୋଇପଡିଛନ୍ତି। ବୁଧବାର ସକାଳେ ଦିଲ୍ଲୀ-ଏନ୍‌ସିଆର୍, ହରିଆଣା, ପଞ୍ଜାବ ଓ ଉତ୍ତରପ୍ରଦେଶ ସମେତ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଭୟଙ୍କର କୁହୁଡ଼ି ଦେଖିବାକୁ ମିଳିଛି। ବୁଧବାର ରେକର୍ଡ କରାଯାଇଥିବା ବାୟୁସ୍ତର ମାନକୁ ନେଇ ଉଦବେଗ ବଢିଛି। ବାୟୁସ୍ତର ଏକ୍ୟୁଆଇ ୪୦୦ ପାର୍ କରିଥିବାରୁ ଏହା ଗମ୍ଭୀର ସ୍ଥିତି ଉତ୍ପନ୍ନ କରିପାରେ ବୋଲି ଆଶଙ୍କା ବଢିଛି। ପ୍ରଦୂଷିତ ବାୟୁସ୍ତରକୁ ନେଇ ଦୃଶ୍ୟତା ହ୍ରାସ ପାଇବାରୁ ବିମାନ ଚଳାଚଳ କ୍ଷେତ୍ର ଭାରୀ ମାତ୍ରାରେ ପ୍ରଭାବିତ ହୋଇଛି। ଯାହାକୁ ନେଇ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବହୁ ବିମାନର ଗତିପଥ ବଦଳାଯାଇଛି। ଏଠାରେ ବିମାନ ଉଡାଣ କିମ୍ବା ଅବତରଣ କରିବା କଷ୍ଟସାଧ ହୋଇପଡ଼ିଛି। ହିଣ୍ଡନ ବିମାନବନ୍ଦର ଏବଂ ଅମୃତସର ବିମାନ ବନ୍ଦରରେ ଜିରୋ ଭିଜିବିଲିଟି ରେକର୍ଡ କରାଯାଇଛି। ସେହିପରି ରାସ୍ତାରେ ଗାଡି ଚଳାଇବା ମଧ୍ୟ ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଲୋକମାନେ ଗାଡିର ହେଡଲାଇଟ୍ ଜଳାଇ ଯାତାୟତ କରୁଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳର ବାୟୁ ଗୁଣବତ୍ତା ବୁଧବାର ମଧ୍ୟ ଅତ୍ୟନ୍ତ ଖରାପ ରହିଥିବା ରହିଛି।

## ଝାଡ଼ଖଣ୍ଡରେ ୬୫ ପ୍ରତିଶତ...

ରହିଥିବା କୁହାଯାଇଛି। ରାଜ୍ୟର କିଛି ସ୍ପର୍ଶକାତର ବୁଥ୍‌ଗୁଡିକରେ ଅପରାହ୍ନ ୪ଟା ସୁଦ୍ଧା ଭୋଟ ଗ୍ରହଣ ଶେଷ କରିବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ କିଛି କାଁଭାଁ ଗଣ୍ଡଗୋଳ ବ୍ୟତୀତ ନିର୍ବାଚନ ପ୍ରକ୍ରିୟା ସୁରୁଖୁରରେ ଶେଷ ହୋଇଥିବା ଜଣାପଡ଼ିଛି। ବାକି ୩୮ ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ।

## ଯୋଗାଣମନ୍ତ୍ରୀଙ୍କ ବାତୁଳା...

ସରକାରୀ ଯୋଜନା ରାସନ କାର୍ଡ ଜରିଆରେ ଯୋଗାଇ ଦିଆଯାଉଥିବାରୁ ରେସନ କାଡର୍ ପାଇଁ ଅନେକ ହିତାଧିକାରୀ ଅପେକ୍ଷା କରି ରହିଛନ୍ତି। ପୁରୁଣା କାଡର୍ ନ କଟିଲେ ବା ହିତାଧିକାରୀଙ୍କ ମୃତ୍ୟୁ ନ ହେଲେ ନୂଆ କାଡର୍ ବଣ୍ଟନର ବ୍ୟବସ୍ଥା ନ ଥିବାରୁ ଏହା ଅନେକଙ୍କ ପାଇଁ ଅପହଞ୍ଚ ଥିଲା। ଫଳରେ ଏହି ବ୍ୟକ୍ତିମାନେ ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ହୋଇଥିଲେ। ନୂଆ ସରକାର ଆସିବା ପରେ ଯୋଗାଣମନ୍ତ୍ରୀ ସବୁ ଯୋଗ୍ୟ ଲୋକଙ୍କୁ ରାସନ କାଡର୍ ଯୋଗାଇ ଦେବାକୁ ଘୋଷଣା କରିଥିଲେ ହେଁ ମାତ୍ର ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇ ନାହାନ୍ତି । ଓଲଟି ଇ-କେୱାଇସି କେଁ ଏ କ୍ଷେତ୍ରରେ ସବୁଠାରୁ ବଡ଼ ବାଧକ ସୃଷ୍ଟି ହୋଇଛି । ଏହି ଇ-କେୱାଇସି ପ୍ରକ୍ରିୟା ନ ସରିବା ପର୍ଯ୍ୟନ୍ତ ନୂଆ ରାସନ କାଡର୍ ବଣ୍ଟନ ହୋଇ ପାରିବ ନାହିଁ ଓ ଜାନୁଆରୀ ମାସରୁ ନୂଆ ହିତାଧିକାରୀଙ୍କୁ କାଡର୍ ଦିଆଯିବ ବୋଲି ସେ କହିଛନ୍ତି ।

## ଭଦ୍ରକରେ ବିଜେଡି ନେତାଙ୍କୁ...

ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ ଅଭିଯୋଗ କରିଛନ୍ତି ଯେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ବିଜେଡି କର୍ମୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ଅତ୍ୟାଚାର ବଢ଼ିଚାଲିଛି। ଅତ୍ୟାଚାରର ସୀମା ଟପିଛି। ତେଣୁ ୨୪ ଘଣ୍ଟା ଭିତରେ ହତ୍ୟାକାରୀଙ୍କୁ ଗିରଫ ନ କଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତବାନୀ ଦେଇଛନ୍ତି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା(ନଂ-୬୯୧/୨୪) ରୁଜୁ ହୋଇଛି। ମୃତକଙ୍କ ଭାଇ ମନୋରଞ୍ଜନ ରାଉତଙ୍କ ଏତଲାକ୍ରମେ ପୁଲିସ ତଦନ୍ତ ଚଳାଇଛି ବୋଲି ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି।

## ଆସିକାରେ ଡବଲ୍...

ମଲା ପାତ୍ରଙ୍କ ସହ ମିଶି ବିଲରେ କାମ କରୁଥିବା ବେଳେ ସାନଭାଇ ଭବାନୀ ପାତ୍ର, ସ୍ତ୍ରୀ ରଞ୍ଜିତା ଓ ପୁଅ ପପୁନୁ ସେଠାରେ ପହଞ୍ଚିଥିଲେ। ପୂର୍ବ ଯୋଜନା ଅନୁଯାୟୀ ୩ ଜଣ ମିଶି ମଲାଙ୍କୁ ମାଡଧର କରିବା ସହ ବଳପୂର୍ବକ ବିଷ ଖୁଆଇ ଦେଇଥିଲେ। ବଡ଼ଭାଇ ରାଜୁ ପାତ୍ର ଏହାର ପ୍ରତିବାଦ କରିବାରୁ ସାନଭାଇ ଭବାନୀ ତାଙ୍କ ସ୍ତ୍ରୀ ଓ ପୁଅ ମିଶି ବଡ଼ଭାଇ ରାଜୁଙ୍କ ତଣ୍ଟିକୁ ଧାରୁଆ ଅସ୍ତ୍ରରେ କାଟିଦେଇ ଥିଲେ। ଘଟଣାସ୍ଥଳରେ ହିଁ ବଡ଼ଭାଇ ରାଜୁଙ୍କ ମୃତ୍ୟୁ ହୋଇଥିବାବେଳେ ରାଜୁ ସ୍ତ୍ରୀ ମଲାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଆସିକା ଉପଖଣ୍ଡ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଆକ୍ରମଣକାରୀ ସାନଭାଇ ଓ ତା ପରିବାର ସଦସ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ କୋଟିନଡ଼ା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ଆସିକା ଥାନା ସବ୍ ଇନ୍ସପେକ୍ଟର ଅଜିତ ପରିଡ଼ା ଓ ପୁଲିସ ଟିମ୍ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ। ଆସିକା ଏସଡିପିଓ ସଞ୍ଜୟ ମହାପାତ୍ର ଓ ସାଇଣ୍ଟିଫିକ ଟିମ୍ ହତ୍ୟାକାଣ୍ଡ ସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ମୃତ ରାଜୁଙ୍କ ପୁଅ ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ ଆସିକା ଥାନା କେସ ନଂ ୭୩୮/୨୦୨୪ରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ପୁଲିସ ମୃତ ରାଜୁଙ୍କ ସାନ ଭାଇ ଭବାନୀ ପାତ୍ର ଓ ତାଙ୍କ ପତ୍ନୀ ରଞ୍ଜିତାଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ପୁଅ ପପୁନୁ ଫେରାର ଥିବା ଏସଡିପିଓ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ମୃତ ରାଜୁଙ୍କର ୪ ଭାଇ ଅଛନ୍ତି। ଜମି ଭାଗବଣ୍ଟା ପରଠାରୁ ବଡ଼ଭାଇ ରାଜୁ ପାତ୍ର ଓ ସାନଭାଇ ଭବାନୀ ପାତ୍ରଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଭବାନୀଙ୍କ ପୁଅ ନିଜ ବଡ଼ବାପାଙ୍କୁ ହତ୍ୟା କରିବା ପାଇଁ ପୂର୍ବରୁ ଧମକ ଦେଇଥିବା କୁହାଯାଉଛି।


n-150

ସମଗ୍ର ଶିକ୍ଷା Samagra Shiksha

**DISTRICT PROJECT OFFICE**

Samagra Shiksha, Near Circuit House, Boudh

email: dpcboudhssa.opepa@nic.in

Letter No. 2075/Ped/183/111/2024 — Date: 29.10.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Holistic Progress Card – 2024-25 for the students of Class-I to VIII" in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Holistic Progress Card-2024-25 for the students of Class-I to VIII | Rs.1000/- (Rupees One Thousand only) | Rs.10000/- (Rupees Ten thousand only) | 05.12.2024 by 5.00 pm | 06.12.2024 by 11.00 am |

The detailed BID document is available in the website https://osepa.odisha.gov.in&https://Boudh.odisha.gov.in interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

District Education Officer-cum-DPC
Samagra Shiksha, Boudh

OIPR-27176/11/0001/2425

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଆସନ୍ତା ୧୦ରୁ କ୍ରୟ ପ୍ରକ୍ରିୟା

**କେନ୍ଦୁଝର, ୧୩।୧୧(ସମିସ)**

ଖରିଫ ୨୦୨୪-୨୫ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବେହେରା, ଅତିରିକ୍ତ ଜିଲ୍ଲାପାଳ ଆଲୋକ ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ରଥ, କେସିସିବି ଅଧ୍ୟକ୍ଷ କାନନ ବିହାରୀ ପହି ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୧୦ରୁ ପର୍ଯ୍ୟାୟକ୍ରମେ ୫୯୬୭୩ ପଞ୍ଜିକୃତ ଚାଷୀଙ୍କଠାରୁ ୯୦ଟି ମଣ୍ଡି ମାଧ୍ୟମରେ ୧୫୬୮୪୨୬ କୁଇଣ୍ଟାଲ ଧାନ ସଂଗ୍ରହ

- ୯୦ଟି ମଣ୍ଡିରେ ୫୯୬୭୩ ଚାଷୀ ବିକିବେ ଧାନ
- ୧୫୬୮୪୨୬ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡି ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତ୍ତିଭୂମି, ଆଶ୍ରୟସ୍ଥଳ, ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତବର୍ଷ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା




୨୩୦୦ ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ। ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମସିର ଅଧ୍ୟକ୍ଷଙ୍କୁ ଗାଆଁ ଗାଆଁ ବୁଲି ଚାଷୀଙ୍କ ସହ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀଙ୍କୁ ଟୋକନ୍ ଦେବା ବ୍ୟବସ୍ଥା କରିବା, କଳାବଜାର ଭଳି ବେଆଇନ କାର୍ଯ୍ୟଗୁଡ଼ିକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ଡିଆରସିଏସ ଶୁଭ୍ରକାନ୍ତି ତୁଙ୍ଗ, କୃଷକ ପ୍ରତିନିଧି ଓ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ୩ ବର୍ଷହେବ ଅଧାପନ୍ତରିଆ ପଡ଼ିଛି ମେଗା ଜଳଯୋଗାଣ ପ୍ରକଳ୍ପ

# ଠିକାଦାରଙ୍କ ପାଉଣା ନମିଳିବାରୁ ଅଟକିଛି କାମ

**ବେଲବାହାଳି, ୧୩।୧୧(ସମିସ):** ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡ଼ା ଗ୍ରାମରେ ନିର୍ମାଣାଧୀନ ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ପାଇପାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୩ ବର୍ଷ ହେବ ଏହି ନିର୍ମାଣାଧୀନ ଟାଙ୍କି ମୁକୁଳା ପଡ଼ିଥିବାରୁ ଦୁର୍ବୃତ୍ତମାନେ ବିଭିନ୍ନ ଉପକରଣ ଯନ୍ତ୍ରପାତି, ବିଦ୍ୟୁତ୍ ମୋଟର ଲୁଟିନେଉଥିବା ବେଳେ ଗ୍ରାମବାସୀ ପାଣି ଚାତକ ସାଜିଛନ୍ତି। ପ୍ରକଳ୍ପ ସମ୍ପର୍କରେ ସମ୍ପୃକ୍ତ ଠିକାଦାର ଭାବଗ୍ରାହୀ ସାହୁ କହିଛନ୍ତି, ସଠିକ ସମୟରେ ବାକି ଥିବା ପାଉଣା (ପ୍ରାୟ ୮-୯ ଲକ୍ଷ) ମିଳିନଥିବାରୁ ସେ ଅଧାରୁ କାମ ବନ୍ଦ କରିଦେଇଛନ୍ତି। ତେବେ, ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ଦେଖା-ରଖା



ହେଉନଥିବା କିମ୍ବା ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏହି ପ୍ରକଳ୍ପରୁ ଅନେକ ଉପକରଣ ଚୋରି ହୋଇ ଯାଉଥିବା ଦେଖିବାକୁ ମିଳିଛି। ଶିଡ଼ିରେ ଲାଗିଥିବା ଷ୍ଟିଲ ଉପକରଣ, ଜଳଯୋଗାଣ ପାଇଁ ଲଗାଯାଇଥିବା ପାଇପ ପ୍ରତିଦିନ ଉଭାନ ହୋଇଯାଉଛି। ଅଣ୍ଡର ଗ୍ରାଉଣ୍ଡରେ ପୋତାଯାଇଥିବା ଏକ ମୋଟରକୁ ଲୁଟିନେଇଥିବା ବେଳେ ପୁନର୍ବାର ମେଗା ୱାଟର ପ୍ରୋଜେକ୍ଟ ସଂସ୍ଥା ପକ୍ଷରୁ ଅନ୍ୟ ଏକ ଠିକାଦାରଙ୍କୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ହାଲୋ.. ଘର ବିଲ୍ ପାଇଁ କେହି ଅର୍ଥ ମାଗୁଛନ୍ତି କି?

**ହାଟଡିହି/ସୋସୋ,୧୩।୧୧(ସମିସ):** ହାଟଡିହି ବ୍ଲକରେ ପକ୍କାଘର ଯୋଜନାରେ ସାମିଲ ହୋଇଥିବା ଅନେକ ହିତାଧିକାରୀ କିଛିଦିନ ପୂର୍ବରୁ କେହି ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥ କାରବାରର ଶିକାର ହେଉଥିବା ନେଇ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ବିଭିନ୍ନ ପଞ୍ଚାୟତର ଲୋକଙ୍କଠୁଁ ଅଭିଯୋଗ ପାଇଥିଲା ବେଳେ ନିଜସ୍ୱ ଉପାୟରେ ଟୋଲଫ୍ରି ୯୬୯୨୮୨୯୯୧୧ ନମ୍ବର ବିଶିଷ୍ଟ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିଥିଲେ। ପକ୍କାଘର ନିର୍ମାଣକାରୀମାନେ ନିର୍ଦ୍ୱନ୍ଦ୍ୱରେ ପକ୍କାଘର ନିର୍ମାଣ କରିପାରିବେ ଏବଂ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ସିଧାସଳଖ ବିଡିଓଙ୍କ ପରାମର୍ଶ ନେଇପାରିବେ ବୋଲି ବିଡିଓ କହିଛନ୍ତି। ଏବେ ନିଜେ ବିଡିଓ କଲ୍ କରି ପଚାରୁଥିବାରୁ, ମଝିରେ ଥିବା ଦଲାଲ୍ ଓ ଟାଉଟର ମାନଙ୍କ ଭିତରେ ଭୟ ସୃଷ୍ଟି ହୋଇଛି। ଏପରିକି ଘର କେଉଁଠି କରୁଛ ? କେହି ଅର୍ଥ ମାଗୁଛନ୍ତି କି ? ଆମ ବ୍ଲକ କର୍ମଚାରୀ ନିୟମିତ ଯାଉଛନ୍ତି କି ନାହିଁ ? ଘରକାମ କେତେ ବାଟ ଗଲାଣି ଓ କେବେ ସରିବ ? ଏ ସମ୍ପର୍କରେ ଖୋଦ୍ ନିଜେ ବିଡିଓ ହିତାଧିକାରୀଙ୍କୁ ପଚାରି ବୁଝୁଥିବାରୁ ଅସାଧୁ ଉପାୟରେ ଗରିବ ହିତାଧିକାରୀଙ୍କ ଠାରୁ ଅର୍ଥ ଆଦାୟ କରୁଥିବା କର୍ମଚାରୀ ମାନଙ୍କ ମନରେ ବି ଛନକା ପଶିଛି। କାର୍ଯ୍ୟାଳୟ ସମୟ ମଧ୍ୟରେ ହିତାଧିକାରୀମାନେ ବିଡିଓଙ୍କ ସହ ବିଭିନ୍ନ ସମସ୍ୟା ନେଇ କଥା ହୋଇପାରିବେ ବୋଲି ଏକ ସ୍ୱତନ୍ତ୍ର ଉପାୟ ଅବଲମ୍ବନ କରିଥିବା କହିଛନ୍ତି।



# ବାମ୍ଣିଡି ଡିଏଭି ବିବାଦର ଅନ୍ତ ଘଟାଇଲେ ଘସିପୁରା ତହସିଲଦାର



**ରାମଚନ୍ଦ୍ରପୁର,୧୩।୧୧(ସମିସ):** ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ବାମ୍ଣିଡି ଡିଏଭି ବାଳାଶ୍ରମର ପ୍ରଧାନଶିକ୍ଷକ ପୁରୁଷୋତ୍ତମ ସାହୁଙ୍କୁ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ସୁଦର୍ଶନ ସାହୁ ଅଶାଳୀନ ଭାଷା ପ୍ରୟୋଗ କରିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ବାଳାଶ୍ରମରେ ଅଚଳାବସ୍ଥା ଦେଖାଯାଇଥିଲା। ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ଏବଂ ସାଇଁକୁଳ ଆରଆଇ ବିଷ୍ଣୁପ୍ରିୟା ସାହୁ ବୁଧବାର ବାଳାଶ୍ରମର ବରିଷ୍ଠ ଉପଦେଷ୍ଟା ଏବଂ ସଦସ୍ୟଙ୍କ ଉପସ୍ଥିତିରେ ଆପୋଷ ମିଳାମିଶା କରାଇଛନ୍ତି। ବୈଠକରେ ଓଁକାର ଆଇଟିଆଇର ନିର୍ଦ୍ଦେଶକ ବଟକୃଷ୍ଣ ନାଥ, କମିଟି ସଦସ୍ୟ ପ୍ରଦୀପ ଚକ୍ର, ସମାଜସେବୀ ବଳରାମ ବେହେରା, ଅର୍ଜୁନ କର, ବିଶ୍ୱଜିତ ଦାସ, ଆଇଟିଆଇ ଅଧ୍ୟକ୍ଷ ପ୍ରମୋଦ ସାହୁ, ଓଁକାର ସେବାଶ୍ରମ ଟ୍ରଷ୍ଟି ଭାଗୀରଥି ମହାନ୍ତ, ଗୋବର୍ଦ୍ଧନ ବେହେରା, ହୃଦାନନ୍ଦ ସ୍ୱାଇଁ, ଚନ୍ଦ୍ରମୋହନ ମହାନ୍ତ, ସରୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରାମଚନ୍ଦ୍ରପୁର ଥାନାଧିକାରୀ, ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।

# ମୋଚିନ୍ଦାରେ ରାହାସ ଉତ୍ସବ ଓ ପଞ୍ଚୁକ ବ୍ରତ

**ଆନନ୍ଦପୁର, ୧୩।୧୧(ସମିସ):** ଆନନ୍ଦପୁର ନିକଟସ୍ଥ ମୋଚିନ୍ଦାଠାରେ ପ୍ରତିବର୍ଷ ପରି ଚଳିତବର୍ଷ ରାହାସ ଉତ୍ସବ ଓ ପଞ୍ଚୁକ ବ୍ରତ ଭାବ ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଛି। ଗତ ୧୧ରୁ ଆରମ୍ଭ ହୋଇଥିବା ଏହି ରାହାସ ଉତ୍ସବ ପାଇଁ ମୋଚିନ୍ଦା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଏକ ବିରାଟ ଗହୀର ପୁଷ୍କରିଣୀ ମଧ୍ୟରେ ପୂଜା ମଣ୍ଡପ ଓ ସୁସଜ୍ଜିତ ତୋରଣ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ରଙ୍ଗୀନ ଆଲୋକମାଳା ବେଶ୍ ଆକର୍ଷଣୀୟ ହୋଇଛି। ପୂଜା ମଣ୍ଡପରେ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୁରତୀଙ୍କ ସହିତ ଅଷ୍ଟ ପାଟ ବଂଶୀଙ୍କ ମୃଣ୍ମୟ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଛି। ବ୍ରତଧାରୀ ମହିଳାମାନେ ବୃନ୍ଦାବତୀ ମଣ୍ଡପରେ ମୁରୁଜରେ ଚିତ୍ର ତୋଳି କାର୍ତ୍ତିକ ମହାତ୍ମ୍ୟ ଗାଉଥିବାରୁ ଉକ୍ତ ଅଞ୍ଚଳ ମୁଖରିତ ହୋଇ ଉଠିଛି। ରାହାସ ପଡ଼ିଆରେ ମୀନା ବଜାର, ଫୁଡ୍ ବଜାର ସାଙ୍ଗକୁ ଅପେରା କାର୍ଯ୍ୟକ୍ରମ ଯୋଗୁଁ ପ୍ରତିଦିନ ଜନଗହଳି ଲାଗିରହିଛି।



# କବିତା ପୁସ୍ତକ 'ଏ ସହର ଧୂଳି ନୁହେଁ' ଉନ୍ମୋଚିତ



ମାଟି ଓ ଜୀବନର କଥା କହେ, ବଦଳି ଯାଉଥିବା ସମାଜ, ଧ୍ୱଂସ ହୋଇପଡୁଥିବା ପ୍ରକୃତି, ମାନବିକତା ଉପରେ ଆଧାରିତ 'ଏ ସହର ଧୂଳି ନୁହେଁ' କବିତା ପୁସ୍ତକ ଏହାର ଏକ ପ୍ରମାଣ। ଯୁବକବି ବିଶ୍ୱଜିତ୍ ରାଉତଙ୍କ ଲେଖାଥିବା ଏହି ପୁସ୍ତକକୁ ଶନିବାର ଦିନ ଆନନ୍ଦପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ବୈ÷ତରଣୀ ସାହିତ୍ୟ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି

ଆନନ୍ଦପୁର, ୧୩।୧୧(ସମିସ): ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ଇଞ୍ଚୋଳ ଗ୍ରାମର ଯୁବକବି ବିଶ୍ୱଜିତ ରାଉତଙ୍କ 'ଏ ସହର ଧୂଳି ନୁହେଁ' ସ୍ୱରଚିତ କବିତା ପୁସ୍ତକକୁ ଗତ ୯ ତାରିଖ ଶନିବାର ଆନନ୍ଦପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ ବୈତରଣୀ ସାହିତ୍ୟ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। କବିତା ଗୋପବନ୍ଧୁ ଦାସ, କିସ୍ ପ୍ରଫେସର ବିଜୟାନନ୍ଦ ସିଂ, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଲେଖକ ଶିଶିର ବେହେରା, ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ବିଜୟ ଶତପଥୀ, ଅଧ୍ୟାପକ ରଘୁଦୀପ୍ତ ନାୟକ, କାହ୍ନୁ ଚରଣ ନାୟକ ପ୍ରମୁଖଙ୍କ ଦ୍ୱାରା ଉକ୍ତ ପୁସ୍ତକଟି ଉନ୍ମୋଚିତ ହୋଇଥିଲା।

# ୨୧୭ ଜଣଙ୍କୁ ଶସ୍ୟକାଟ୍ ତାଲିମ କାର୍ଯ୍ୟକ୍ରମ

**କେନ୍ଦୁଝର, ୧୩।୧୧(ସମିସ):** ଚଳିତ କୃଷି ବର୍ଷ ୨୦୨୪-୨୫ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟ କାଟ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର, କେନ୍ଦୁଝର ସଦର, ବାଂଶପାଳ, ପାଟଣା ଓ ସାହରପଡ଼ାର ୭୧ ଜଣ, ଯୋଡା, ଘଟଗାଁ, ଘଷିପୁରା, ହାଟଡିହିର ୭୭ ଜଣ, ଚମ୍ପୁଆ, ହରିଚନ୍ଦନପୁର, ଝୁମ୍ପୁରା, ତେଲକୋଇର ୬୯ ଏହିପରି ସର୍ବମୋଟ ୨୧୭ ଜଣଙ୍କୁ ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର୍ଯ୍ୟକାରୀ ହୋଇଆସୁଛି। ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ଓ ଜିଲ୍ଲା ଯୋଜନା ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର ବେହେରା ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ପରିସଂଖ୍ୟାନ ଅଧିକାରୀ ପବିତ୍ର ମୋହନ ନାୟକ, କେନ୍ଦୁଝର ବ୍ଲକ କୃଷି ଅଧିକାରୀ ସୁଶାନ୍ତ ପଣ୍ଡା, ଆନନ୍ଦପୁର ବ୍ଲକ କୃଷି ଅଧିକାରୀ ଜୟନ୍ତ ଦାସ, ସହକାରୀ କୃଷି ଅଧିକାରୀ ପରେଶ ଦାଶ, ଫ୍ୟୁଚର ଜେନେରାଲି ୟୁନ୍ସୁରାନସ ଜିଲ୍ଲା ସଂଯୋଜକ ସୌଭାଗ୍ୟ ଦାସ ପରିଚାଳନା କରିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂହ, ଅନୁପମା ପାତ୍ର, ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ଅନ୍ଧାରରେ 'ଆଇ ଲଭ ୟୁ' ଚମ୍ପୁଆ




**ଚମ୍ପୁଆ, ୧୩।୧୧(ସମିସ):** ଗତକିଛି ବର୍ଷ ହେବ ଚମ୍ପୁଆ ଏନ୍ଏସି ପ୍ରଗତି ପଥରେ ଆଗେଇ ଚାଲିଛି। ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ପେଭର ବ୍ଲକ ସହ ଆକର୍ଷଣୀୟ ମୂର୍ତ୍ତି ଓ ଆଲୋକମାଳା ସ୍ଥାନୀୟ ବାସିନ୍ଦାଙ୍କ ମନ ମୋହି ଆସୁଛି। ଏହିକ୍ରମରେ ଚମ୍ପୁଆ ବସଷ୍ଟାଣ୍ଡ ସମ୍ମୁଖରେ ଆଇ ଲଭ୍ ଚମ୍ପୁଆ ଓ ଆକର୍ଷଣୀୟ ଆଲୋକ ସଜ୍ଜା ସହ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହି ସ୍ଥାନଟି ଅନେକ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। କିଛି ଦିନ ହେବ ଏଠାରେ ଅନ୍ଧକାର ରାଜୁତି କରୁଛି। କେବଳ ସେତିକି ନୁହେଁ; ଦେଖା-ରଖା ଅଭାବରୁ ଏଠାକାର ପରିବେଶ ଆବର୍ଜନା ହୋଇ ପଡ଼ିଥିବା ବେଳେ ଅନାବନା ଗଛ ହୋଇପଡିଛି। ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ସେ ଏକ ମିଟିଂରେ ଅଛନ୍ତି, ଅଭିଯୋଗ ସମ୍ପର୍କରେ ନିଶ୍ଚିତ ବୁଝିବେ ବୋଲି ପ୍ରକାଶ କରିଥିଲେ।

## ତଣ୍ଡୋ ଗାଁ ଏବେ ଉତ୍ସବ ମୁଖର



**ତୁରୁମୁଙ୍ଗା, ୧୩।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡୋ ଗ୍ରାମର ଅଯୋଧ୍ୟା ଦେହୁରୀଙ୍କ ସାନ ପୁଅ ଚିତ୍ରସେନ ୧୫ ବର୍ଷ ପରେ ଘରକୁ ଫେରିଛନ୍ତି। ହଜିଲା ପୁଅକୁ ପାଇ ପରିବାର ଖୁସିରେ ଭାବବିହ୍ୱଳ ହୋଇ ପଡ଼ିଛନ୍ତି। ଚାରିଆଡ଼େ ଖେଳିଯାଇଛି ଖୁସିର ଲହରୀ। ବୁଧବାର ପୋଖରୀରେ ସ୍ନାନ ପରେ ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା ଓ ବନ୍ଦାପନା କରି ପୁଅକୁ ପାଛୋଟି ନେଇଛନ୍ତି ପରିବାର ଲୋକେ। ନେପାଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମାନବ ସେବା ଟ୍ରଷ୍ଟ, ଚିତ୍ରସେନଙ୍କୁ ରଖି, ଚିକିତ୍ସା କରି ଶେଷରେ ଗାଁରେ ପରିବାର ନିକଟରେ ଛାଡ଼ିଥିବା ଜଣାପଡ଼ିଛି। ନେପାଳର ସ୍ୱେଚ୍ଛାସେବୀ ସଂଗଠନ ମାନବ ସେବା ଟ୍ରଷ୍ଟ ପାଖରେ ଗ୍ରାମବାସୀ ଓ ପରିବାର କୃତଜ୍ଞତା ଅର୍ପଣ କରିଛନ୍ତି। ପ୍ରକାଶ ଥାଉ କି, ଏହିପରି ୨୭ ଜଣ ଲୋକଙ୍କୁ ନେପାଳର ଏହି ଅନୁଷ୍ଠାନ ନିଜ ଖର୍ଚ୍ଚରେ ଓଡ଼ିଶା ଆଣି ଛାଡ଼ିଛି।

## ବୀଣାପାଣି କଳା ନିକେତନ ପକ୍ଷରୁ 'କାଳିଜାଈ' ଗୀତିନାଟ୍ୟ



**ଆନନ୍ଦପୁର, ୧୩।୧୧(ସମିସ):** ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଶାଳପଡାସ୍ଥିତ ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ପୁରୀ ଜିଲ୍ଲା ସାକ୍ଷୀଗୋପାଳଠାରେ ଶ୍ରୀରାଧା ଉତ୍ସବରେ କାଳିଜାଈ ଗୀତିନାଟ୍ୟ ପରିବେଷଣ କରି ଉପସ୍ଥିତ ଥିବା ଦର୍ଶକଙ୍କୁ ବିମୋହିତ କରିଥିବା ଦେଖାଯାଇଛି। ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ କାଜଲ ରଣା, ପୂଜାରାଣୀ ସାହୁ, ଲିଜାରାଣୀ ସାହୁ, ପ୍ରିୟଙ୍କା ସାହୁ, ସାଇସ୍ମୃତି ସାହୁ, ଦୁର୍ଗାରାଣୀ ଝୁଣ୍ଟିଆ, ମୋନିକା ଦାଶ, ସୁଶ୍ରୀ ସୁଲଗ୍ନା, ଶୁଭଶ୍ରୀ ଦାଶ, ସୁଶ୍ରୀ ଆଦ୍ୟାଶା, ସୁଶ୍ରୀ ସ୍ୱର୍ଣ୍ଣଲତା, କ୍ରୀଷ୍ଣାରାଣୀ, ଆରାଧ୍ୟା ସାହୁ, ଯଦୁନାଥ ଓଝା, ବିନୋଦ ଓଝା ଓ ନୃତ୍ୟଗୁରୁ ଜିତୁ ଦାଶ ପ୍ରମୁଖ 'କାଳିଜାଈ' ଗୀତିନାଟ୍ୟ ପରିବେଷଣ କରି ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲେ। ପୁରୀ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୁରୁ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୁଲା ଷଣ୍ଢର ଅନ୍ତିମ ସତ୍କାର

**ରାମଚନ୍ଦ୍ରପୁର,୧୩।୧୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପରିଡା ସାହି ନିକଟରେ ଅସୁସ୍ଥ ହୋଇ ଶୋଇ ରହିଥିବା ଷଣ୍ଢର ଗତକାଲି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅସୁସ୍ଥ ଷଣ୍ଢର ଚିକିତ୍ସା ପାଇଁ ଅଣ୍ଟା ଭିଡିଥିବା ସାଇଁକୁଳ ଗ୍ରାମର ଗୋ-ସେବକ ପ୍ରଶାନ୍ତ ସେନାପତି, ସମାଜସେବୀ ସୁବେଦାର ସନ୍ତୋଷ ସ୍ୱାଇଁ ସମେତ ଅନେକ ଯୁବଗୋଷ୍ଠୀ ସାମିଲ ହୋଇ ଷଣ୍ଢଟିର ଅନ୍ତିମ ସତ୍କାର କରିଥିଲେ। ହିନ୍ଦୁ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଷଣ୍ଢଟିକୁ ସମାଧି ଦିଆଯାଇଛି। ଯୁବକ ମାନଙ୍କ ଏଭଳି କାର୍ଯ୍ୟକୁ ଅନେକ ପ୍ରଶଂସା କରିଛନ୍ତି।

## କେବେ ଚେତିବ ପ୍ରଶାସନ

# ଟ୍ରକ ଚାଳକ ମାନୁନାହାନ୍ତି ସଡ଼କ ସୁରକ୍ଷା ନିୟମ

**ଯୋଡା, ୧୩।୧୧(ସମିସ)**

ଜାତୀୟ ରାଜପଥ ୫୨୦ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନର ଚେତା ପଶୁନାହିଁ। ଟ୍ରକ ଚାଳକମାନେ ମଦ୍ୟପାନ କରି ବିନା ଡ୍ରାଇଭିଙ୍ଗ ଲାଇସେନ୍ସରେ ବଡ ବଡ ଟ୍ରକ ଚଳାଉଥିବା ବେଳେ ଏହା ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ତେବେ ଏଥିପାଇଁ ସ୍ଥାନୀୟ ପ୍ରଶାସନର ଆଦୌ ଅଙ୍କୁଶ ନଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲ୍ଲାରେ ୯ଟି ସ୍ଥାନକୁ ବ୍ଲାକ ସ୍ପଟ ଭାବେ ସରକାର ଚିହ୍ନଟ କରିଥିବା ବେଳେ ସେଥିମଧ୍ୟରୁ ୫୨୦ନଂ ଜାତୀୟ ରାଜପଥରେ ୨ଟି ସ୍ଥାନକୁ ବ୍ଲାକ ସ୍ପଟ ଘୋଷଣା କରାଯାଇଛି। ୫୨୦ନଂ ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଠାରେ ତିନି ବର୍ଷ ମଧ୍ୟରେ ୧୧ଟି ବଡ ଦୁର୍ଘଟଣା ଘଟିଥିବା ବେଳେ ରୁଗୁଡି ଥାନା ଅନ୍ତର୍ଗତ ଗୁଆଲିଠାରେ ୩ ବର୍ଷ ମଧ୍ୟରେ ୧୩ଟି ବଡ ଦୁର୍ଘଟଣା ଘଟିଥିବା ଜଣାପଡିଛି। ତଥାପି ପ୍ରଶାସନ ଚେଇଁଶୋଇଥିବା ଯୋଗୁଁ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ବୁଧବାର ସନ୍ଧ୍ୟାରେ ଠିକ୍ ବିଲେଇପଦା ଶିବ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି।



**ବାରମ୍ବାର ଦୁର୍ଘଟଣାରେ ଗଡୁଛି ମୁଣ୍ଡ**

ସରକାରଙ୍କ ନିୟମ ଅନୁଯାୟୀ, କୌଣସି ଭାରୀଯାନ ଜାତୀୟ ରାଜପଥ ଉପରେ ଠିଆ ହେବାର ପ୍ରାବଧାନ ନଥିବା ବେଳେ ବିଲେଇପଦା ଶିବ ମନ୍ଦିର ନିକଟରେ ଏକ କୋଇଲା ବୋଝେଇ ଟ୍ରକ ଓଡି-୦୯ଜି-୮୫୮୪ ଠିଆ ହୋଇଥିବା ବେଳେ ଅନ୍ୟ ଏକ ହାଇୱା ଟ୍ରକ ନଂ. ଓଡି୦୯ଭି-୬୯୮୨ ଦ୍ରୁତ ଗତିରେ ଆସି ଏହାକୁ ପଛପଟୁ ଧକ୍କା ଦେଇଥିଲା। ଧକ୍କାଟି ଏତେ ଭୟଙ୍କର ଥିଲା ଯେ ହାଇୱା ଚାଳକ ଜଣଙ୍କ ଟ୍ରକ ଭିତରେ ଚାପି ହୋଇ ପ୍ରାୟ ୧ ଘଣ୍ଟା ସମୟ ରହିଯାଇଥିଲେ। ବିଲେଇପଦାସ୍ଥିତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଗ୍ୟାସ କଟର ସାହାଯ୍ୟରେ କାଟି ପ୍ରାୟ ଏକ ଘଣ୍ଟାର ପରିଶ୍ରମ ପରେ ଚାଳକ ଜଣଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ତାଙ୍କୁ ତୁରନ୍ତ ଜାତୀୟ ରାଜପଥ ଏନଏଚଆଇର ଆମ୍ବୁଲାନ୍ସ ଯୋଗେ ବାସୁଦେବ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡିଛି। ଘଟଣାସ୍ଥଳରେ ଯୋଡା ପୁଲିସ ପହଞ୍ଚି ଉଭୟ ଟ୍ରକକୁ ରାସ୍ତାରୁ ହଟାଇବା ସହ ଜବତ କରି ମାମଲା ରୁଜୁ କରିଥିବା ଜଣାପଡିଛି। ସେହିପରି ରୁଗୁଡି ଥାନା ଅନ୍ତର୍ଗତ ଭଦ୍ରାସାହିରୁ ଗୁଆଲି ପର୍ଯ୍ୟନ୍ତ ବାରବାଙ୍କ ରାସ୍ତାରେ ଆଉ ଏକ ସିରିଜ ଦୁର୍ଘଟଣା ଘଟିଥିବାର ଜଣାପଡିଛି। ଏଥିରେ ଏକ କ୍ୟାମ୍ପର, ମହିନ୍ଦ୍ରା ଥର ଗାଡି ଆଉ ଏକ ଟ୍ରକ ମଧ୍ୟରେ ଧକ୍କା ହୋଇଥିବା ବେଳେ ଏଥିରେ ୨ ଜଣ ଗୁରୁତର ହୋଇଥିବା ଜଣାପଡିଛି। ତେବେ ବେନିୟମ ଭାବେ ରାସ୍ତା ଉପରେ ଠିଆ ହୋଇରହୁଥିବା ଗାଡି ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସାଧାରଣରେ ଦାବି କରାଯାଇଛି।

## ଦକ୍ଷିଣସାହିରେ ରାଧାକୃଷ୍ଣ ପୂଜା ସମାରୋହ



**ସୋସୋ, ୧୩।୧୧(ସମିସ):** ହାଟଡିହି ବ୍ଲକ ବଡରମ୍ପାସ ଗ୍ରାମ ଦକ୍ଷିଣସାହିର ମହାବୀର ଯୁବକ ସଂଘ ପକ୍ଷରୁ ରାଧାକୃଷ୍ଣ ପୂଜା ଉତ୍ସବ ପାଳିତ ହୋଇଛି। ଗତ ୧୧ ତାରିଖରେ କଳସ ସ୍ଥାପନ ପରେ ପଣ୍ଡିତ ରମେଶଚନ୍ଦ୍ର ପଣ୍ଡା, ମହେନ୍ଦ୍ର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ଶ୍ରୀଧର ସାହୁ, ସ୍ୱଦେଶ ବନ୍ଦିତା ସାହୁ, ବିଚିତ୍ର ସାହି, ସୌମ୍ୟରଞ୍ଜନ ସାହୁ, ପାର୍ଥସୌରଭ ସା, ବିଚିତ୍ର ସାହୁ, ରଙ୍ଗାଧର ଦାସ, ଜଗମୋହନ ସାହୁ ପ୍ରମୁଖ କଳସ ଆଣିଥିଲେ। କମିଟି ସଦସ୍ୟ ଚୈତନ୍ୟ ଜେନା, ଶ୍ରୀକାନ୍ତ ସାହୁ, ସତ୍ୟଜିତ ବେହେରା, ନଗେନ୍ଦ୍ର ପାତ୍ର, ମୃତ୍ୟୁଞ୍ଜୟ ବେହେରା, ରାଜୀବ ଲୋଚନ ସାହୁ, ଅନିଲ ସା ପରିଚାଳନା କରୁଥିବାବେଳେ ପ୍ରତିଦିନ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁଧିଷ୍ଠିର ମଲ୍ଲିକ ହେଲେ ସାଂସଦ ପ୍ରତିନିଧି



**ସୋସୋ, ୧୩।୧୧(ସମିସ):** ହାଟଡିହି ବ୍ଲକର ଅଣା ଗ୍ରାମର ଯୁଧିଷ୍ଠିର ମଲ୍ଲିକ ସଂସାଦ ଅନନ୍ତ ନାୟକଙ୍କ ପ୍ରାଣୀ ସହାୟକ କେନ୍ଦ୍ର, କୃଷି ବିଭାଗ ଓ ହାଟଡିହି କଲେଜର ସାଂସଦ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି। ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ସାଂସଦ ଅନନ୍ତ ନାୟକ ଲିଖିତ ଭାବେ କାର୍ଯ୍ୟାଳୟ ଅଧିକାରୀମାନଙ୍କୁ ଜଣାଇଛନ୍ତି। ଯୁଧିଷ୍ଠିର ମଲ୍ଲିକ (ଧାନୁଆ) ଅଫିସଗୁଡ଼ିକୁ ସାଂସଦଙ୍କ ଚିଠି ପ୍ରଦାନ କରିବା ସହ ଦାୟିତ୍ୱ ଠିକ୍ ଭାବରେ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି।

## ବିଜେଡି ନେତା ସଞ୍ଜୟ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



**ସୋସୋ/ହାଟଡିହି, ୧୩।୧୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବଞ୍ଚୋ ଗ୍ରାମର ସ୍ୱର୍ଗତ ସଞ୍ଜୟ ରାଉତଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଚିତ୍ର ଚକ୍ରଙ୍କ ସଂଯୋଜନାରେ ପରିଚାଳିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ପୂର୍ବତନ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ପଞ୍ଚାନନ ରାଉତ, ଦୟାନିଧି ଦାସ, ମାର୍କଣ୍ଡ ଓଝା, ରବି ସାମଲ, ଶରତ ସେଠୀ, ବିମଳ ଜେନା, ରତିକାନ୍ତ ରାଉତ, ମଗୁପୁର ସମାଚାର ମଦନ ମୋହନ ପାଢୀ, ଗୌରାଙ୍ଗ ରଣା, ସତ୍ୟାନନ୍ଦ ମିଶ୍ର, ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଆଶିଷ ପଟ୍ଟନାୟକ, ବରିଷ୍ଠ କବି ଅଶୋକ ପୁହାଣ, ସରପଂଚ ପ୍ରଶାନ୍ତ ରାଉତ, ଶଶାଙ୍କ ଶେଖର ପୁହାଣ, ଭାଗୀରଥି ଦାସ, ସରୋଜ ପଟ୍ଟନାୟକ, ଜୟନ୍ତ ରାଜ୍, ହେମନ୍ତ ମଲ୍ଲିକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ହରମୋହନ ଶାସନି ପ୍ରମୁଖ ଉପସ୍ଥିତ ଥିଲେ। ସେ ୨୦୦୪-୨୦୦୯ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ନିର୍ବାଚିତ ହୋଇ ପରେ ବିଜେଡିରେ ସାମିଲ ହୋଇଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର

**ବେଲବାହାଳି, ୧୩।୧୧ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମର ସାଇରମ ମନ୍ଦିରରେ ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ସେବା ଦଳ ଆବାହକ



ଆଦିକାନ୍ତ ସ୍ୱାଇଁ ଓ ସଂଯୋଜିକା ପଦ୍ମିନୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରିଷ୍ଠ କର୍ମକର୍ତ୍ତାମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଫକୀରପୁର ସିଏଚସିର ଡାକ୍ତର ଭୂୟାଁ ମହାଦୀପ ରକ୍ତଦାତାଙ୍କ ରକ୍ତ ପରୀକ୍ଷା କରିଥିବା ବେଳେ ଷ୍ଟାଫ ନର୍ସ ସସ୍ମିତା ଦେହୁରୀ, ଏଲଟି ମୋନାଲିସା ପୁହାଣ, କର୍ମଚାରୀ ଅଶୋକ ସୁର, ପୂର୍ଣଚନ୍ଦ୍ର ମାଝୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ବେଲବାହାଳି ସମିତି ଆବାହକ ଚତୁର୍ଭୁଜ ସାହୁ, ସେବାଦଳ ଆବାହକ ରମେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ତରଣୀ ସ୍ୱାଇଁ, କ୍ଷଣପ୍ରଭା ସାହୁ, ରୁକ୍ମଣୀ ସାହୁ, କାଦମ୍ବିନୀ ସାହୁ, ଫୁଲମଣି ସାହୁଙ୍କ ସମେତ ସମିତିର ଅନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଖଇରଙ୍କୁ ମିଳିନି ୬ ମାସର ରାସନ୍

**ତେଲକୋଇ, ୧୩।୧୧(ସମିସ):** ତେଲକୋଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତ ନୂଆଗାଁ ଗ୍ରାମର ଜଣେ ଅସହାୟ ବୃଦ୍ଧା ୬ ମାସ ହେବ ରାସନ ଚାଉଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅସହାୟ ବୃଦ୍ଧା ହେଲେ ସ୍ୱର୍ଗତ ଅଭିମନ୍ୟୁ ମହାନ୍ତଙ୍କ ଝିଅ ଖଇର ମହାନ୍ତ (୬୦)। ତାଙ୍କର ରାସନ୍ କାର୍ଡ ଥିଲେ ସୁଦ୍ଧା ଟିପଚିହ୍ନରେ ସମସ୍ୟା ଉପୁଜୁଥିବାରୁ ରାସନ୍ ସାମଗ୍ରୀ ମିଳୁ ନଥିବା ଖଇର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଖଇରଙ୍କୁ ବକେୟା ରାସନ ଚାଉଳ ସମେତ ନଗଦ ମିଳିଥିବା ରାସନ୍ ସାମଗ୍ରୀ ଯୋଗାଇଦେବାକୁ ଦାବି ହୋଇଛି।



# ଚୋରି ଅଭିଯୋଗ ସହ ଜାଗା ଜବରଦଖଲ ନେଇ ଗଣ୍ଡଗୋଳ





- ଜିଲ୍ଲା ପରିଷଦ ଉପାଧ୍ୟକ୍ଷଙ୍କ ସହ ୨୦ ଜଣଙ୍କ ନାମରେ ଏତଲା
- ମିଥ୍ୟା ଅଭିଯୋଗ ବୋଲି କହିଲେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଓ ତାଙ୍କ ପତ୍ନୀ

**ହାଟଡିହି, ୧୩।୧୧(ସମିସ):** କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ବଜାରରେ ଥିବା ନୂଆଗାଁର ଶରତଚନ୍ଦ୍ର ପରିଡ଼ାଙ୍କ ଦୋକାନଗୃହର ପଛ ପାଖ କବାଟ ଭାଙ୍ଗି ୧ ବସ୍ତା ପାଇପ ସକେଟ, ୪ଟି ଫ୍ୟାନ, ୨ଟି ଟୁଲୁ ପାଣିମଟର ୧୦ ତାରିଖ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଶରତ ପଡ଼ୋଶୀ ଜ୍ଞାନରଞ୍ଜନ ପୁହାଣଙ୍କ ପତ୍ନୀ ଶ୍ୱେତପଦ୍ମା ନାୟକଙ୍କୁ ଘଟଣାସ୍ଥଳରେ ଦେଖି ସନ୍ଦେହ କରିବା ସହ ତାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋସୋ ଥାନା କେସ୍ ନଂ ୨୦୬/୨୦୨୪ରେ ଏକ ମାମଲା ରୁଜୁ କରିଥିବା ବେଳେ, ଗତ ୧୨ ତାରିଖ କିଛି ମହିଳା ଓ ପୁରୁଷ ଶ୍ୱେତପଦ୍ମାଙ୍କ ଘରବାଡ଼ି ସୀମାରେ ପୋତା ଯାଇଥିବା ସିମେଣ୍ଟ ଖୁଣ୍ଟଗୁଡ଼ିକୁ ଭାଙ୍ଗିଦେବା ସହ ଶୌଚାଳୟ ଗୃହର କବାଟକୁ ଭାଙ୍ଗିବା, ଘରର ଆଜବେଷ୍ଟସ ଉପରେ ପଥରମାଡ଼ କରିଥିଲେ। ଏପରିକି ଶ୍ୱେତପଦ୍ମାଙ୍କ ଘରେ ସେ ଓ ତାଙ୍କ କୁନି ଝିଅକୁ ନେଇ ଏକୁଟିଆ ରହୁଥିବା ବେଳେ ଆକ୍ରମଣକାରୀମାନେ ଆନୁମାନିକ ସାଢ଼େ ୩ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନାଚେନ୍ ଛିଣ୍ଡାଇ ନେଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଏହି ଗଣ୍ଡଗୋଳରେ ସାମିଲ ଥିବା ବିଦ୍ୟାଧରପୁର ଗ୍ରାମର ସୋମନାଥ ଦାସ, ଜୁଲି ଦାସ, ନୂଆଗାଁ ଗ୍ରାମର ଶରତଚନ୍ଦ୍ର ପରିଡ଼ା ଓ ତାଙ୍କ ପତ୍ନୀ, ଖଜ ପରିଡ଼ା ଓ ତାଙ୍କ ପତ୍ନୀ, ନବଘନ ପରିଡ଼ା ଓ ତାଙ୍କ ପତ୍ନୀ, ସୁର ପରିଡ଼ା ଓ ତାଙ୍କ ପତ୍ନୀ, ବାପୁନ ପରିଡ଼ା, ସନ୍ତୋଷ ପରିଡ଼ା, ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି, ବାବାଜୀ ବେହେରା, ଚଗ ପରିଡ଼ାଙ୍କ ପତ୍ନୀ, ବାବୁଲି ଲେଙ୍କା, ସଡ଼ା ପଞ୍ଚାୟତ ନାହା ଗ୍ରାମର ଚଗୁଲୁ ନାୟକ, ବାଙ୍ଗୋର ଗ୍ରାମର ଶାନ୍ତନୁ ସାହୁ, ଗଣେଶ ସାହୁ, ବଳରାମ ସାହୁ ପ୍ରମୁଖଙ୍କୁ ମିଶାଇ ୨୧ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ୨୦୯/୨୦୨୪ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଥାଉକି, ବିଦ୍ୟାଧରପୁର ଜଳସମ୍ପଦ ବିଭାଗ ଜାଗାରେ ଥିବା ପୁରୁଣା ଘର, ବଡ଼ ବଡ଼ ଗଛଗୁଡ଼ିକୁ ଗ୍ରାମର ଜଗନ୍ନାଥ ପୁହାଣ ଓ ଶ୍ୱେତପଦ୍ମା ନାୟକ ଅନାୟସରେ କାଟି ନେଇଥିବା ନେଇ ଆନନ୍ଦପୁର ବ୍ୟାରେଜ ଉପଖଣ୍ଡ-୧ ବିଦ୍ୟାଧରପୁର ଜଳସମ୍ପଦ ବିଭାଗର ତତକାଳୀନ ସହକାରୀ ଯନ୍ତ୍ରୀ ୨୦୨୩ ଅଗଷ୍ଟ ୨୪ତାରିଖରେ ଉଭୟଙ୍କ ନାମରେ ସୋସୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶ୍ୱେତପଦ୍ମାଙ୍କ କହିବାନୁଯାୟୀ, ୮ ଡିସିମିଲ ଘରବାରି ପଟ୍ଟା ପାଇ ଗୃହ ନିର୍ମାଣ କରି ରହିଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର କିଛି ନ୍ୟସ୍ତସ୍ୱାର୍ଥ ଅସାମାଜିକ ବ୍ୟକ୍ତି ବିନା କାରଣରେ ମିଥ୍ୟା ଅଭିଯୋଗ ଦର୍ଶାଇ ବାରମ୍ବାର ହଇରାଣ କରିଆସୁଛନ୍ତି। ଅଭିଯୋଗରେ ଦର୍ଶାଇଥିବା ଜିଲ୍ଲା ପରିଷଦ ସୋମନାଥ ଦାସଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ଶ୍ୱେ଼ତପଦ୍ମା ସହ ମୋର ବ୍ୟକ୍ତିଗତ ଭାବେ ପୂର୍ବରୁ କୌଣସି ଶତ୍ରୁତା ନଥିଲା କି ଏବେ ମଧ୍ୟ ନାହିଁ। ମୁଁ ବିଜେଡି ନେତା ବୋଲି ରାଜନୈତିକ ପୂର୍ବ ବିବାଦ ଦର୍ଶାଇ ମୋ ନାମରେ ମିଥ୍ୟା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ଥିବା ନାହା ଗ୍ରାମର ଚଗୁଲୁ ନାୟକ କହିଛନ୍ତି, ମୁଁ ଜଣେ ପଞ୍ଚାୟତ ସମିତିସଭ୍ୟ। ଜିଲ୍ଲାପରିଷଦ ସୋମନାଥ ବାବୁଙ୍କ ଘରକୁ ଯିବାଆସିବା କରେ। ଘଟଣା ଘଟିବା ଦିନ ମୁଁ ନଥାଇ ଅଭିଯୋଗପତ୍ରରେ ମୋ ନାଁ ଦର୍ଶାଇବା ଏକ ବାଚାଳାମି ଏବଂ ଏହା ଅତ୍ୟନ୍ତ ହାସ୍ୟାସ୍ପଦ। ତେବେ ଗତ ୨ ଦିନ ମଧ୍ୟରେ ପୃଥକ ଘଟଣାକୁ ନେଇ ପୁଲିସ ୨ଟି ପୃଥକ ମାମଲା ରୁଜୁ କରିଛି। ପ୍ରଥମ ଅଭିଯୋଗରେ ଜଣଙ୍କ ନାମ ରହିଥିଲା ବେଳେ ଅନ୍ୟ ଅଭିଯୋଗରେ ୨୧ ଜଣଙ୍କ ନାମ ଉଲ୍ଲେଖ ରହିଛି।

## ମଞ୍ଚାରେ ବିତୁଛି ଚାଷୀଙ୍କ ଜୀବନ



**ତେଲକୋଇ, ୧୩।୧୧(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜରେ ବନ୍ୟପ୍ରାଣୀଙ୍କ ଉପଦ୍ରବ ଲାଗିରହିଛି। ଏବେ ଅମଳକ୍ଷମ ଧାନ ଫସଲକୁ ନେଇ ଚିନ୍ତାରେ ରହିଛନ୍ତି ଚାଷୀ। ପାଚିଲା ଧାନ କ୍ଷେତରେ ହାତୀ, ବାରହା ଓ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କାଳିଆହତା, ବିମଳା ଓ ତେଲକୋଇ ଫରେଷ୍ଟ ସେକ୍ସନରେ ବନ୍ୟପ୍ରାଣୀଙ୍କ ମୁହଁରୁ ବର୍ଷକର ଆହାର ବଞ୍ଚାଇବା ପାଇଁ ୪ ମାସ ଯାଏଁ ଶୀତ କାକରରେ ମଞ୍ଚାରେ ଚାଷୀ ଦିନ କାଟିବାକୁ ବାଧ ହୋଇଯାଇଛି। ନଚେତ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫଳାଇଥିବା ଫସଲ ହାତୀ ମୁହଁରେ ଯିବ। ବନ୍ୟଜନ୍ତୁଙ୍କ ଦାଉରୁ ଫସଲକୁ ରକ୍ଷା ପାଇଁ ଚାଷୀ ମଞ୍ଚାରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ବର୍ଷକର ଧାନ ଫସଲକୁ ବାରହା ଓ ହାତୀ ନଷ୍ଟ କରୁଥିବା ଯୋଗୁଁ ଏକର ଏକର ପରିମିତ ଚାଷ ଜମି ଏଠି ନଷ୍ଟ ହୋଇଛି। ତେଲକୋଇ, ଦୋବଲାପାଳ, ଦେଉଳଡିହା, କନ୍ତଲେଇ, ଉଦୟଗିରି, ବାଲେଶ୍ୱର, ଭୀମକାଣ୍ଡ, ବନବିହାରୀପୁର, ଦୁର୍ଲଭପୁର, ବୁଢାଆମ୍ବ, ପଡାଙ୍ଗ, ସରୁଆଳି, ଟୁଙ୍ଗୁରୁବାହାଳ, ନୂଆଗଡ, ଆକୁଳ, କୁଲାଡେରା, ମଲଣ୍ଡା, କୃଷ୍ଣପୁର, କରମଙ୍ଗି ପ୍ରଭୃତି ଗାଁରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେପ୍ଟେମ୍ବର ମାସ ଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ୪ ମାସ କାଳ ଧାନ ଫସଲ ସୁରକ୍ଷା ନିମନ୍ତେ ଦହଗଂଜ ହେଉଛନ୍ତି ଚାଷୀ। ଜମିରେ ମଞ୍ଚା କି ଗଛ ଉପରେ ମଞ୍ଚା ପ୍ରସ୍ତୁତ କରି ବାଜା ବଜାଇ, ନିଆଁ ଲଗାଇ ବନ୍ୟପ୍ରାଣୀ ଘଉଡ଼ାଉବାକୁ ପ୍ରୟାସ କରୁଛନ୍ତି। ତଥାପି ଅମାନିଆ ହାତୀ ପଲଙ୍କ ମୁହଁରୁ ଫସଲ ବଞ୍ଚାଇବା ସମ୍ଭବ ହେଉନାହିଁ। ଏବେ ତେଲକୋଇ ରେଞ୍ଜରେ ଦୁଇଟି ଦଳରେ ୩୯ଟି ହାତୀ ରହିଛନ୍ତି। ସଞ୍ଜ ନଇଁବା ମାତ୍ରେ ଜମିରେ ପଶି ଧାନ ଖାଇବା ସହିତ ମାଡ଼ି ଦଳି ନଷ୍ଟ କରି ଦେଇଛନ୍ତି। ତୁରନ୍ତ ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ମଲି ସାହୁ, ତୁଲେଇ ମୁଣ୍ଡା, ବୁଦ୍ଧୁ ମୁଣ୍ଡା, ରେକେଇ ମୁଣ୍ଡା, ପାଣ୍ଡବ ନାୟକ ପ୍ରମୁଖ ଦାବି କରିଛନ୍ତି। ଏନେଇ ତେଲକୋଇ ରେଞ୍ଜର ଶିବାଜୀ ମୋହନ ରାଓ କହିଛନ୍ତି, ହାତୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି। ଫସଲ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ୨୬ କିମି ସୋଲାର ବାଡ଼ ବ୍ୟବସ୍ଥା କରାଯାଇଛି। ଆଗକୁ ଧନଜୀବନ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

● ଘସିପୁରା ତହସିଲଦାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ

## ଉପଜିଲ୍ଲାପାଳଙ୍କୁ ଫେରାଦ ହେଲେ ଆର୍‌ଆଇ

**ଆନନ୍ଦପୁର, ୧୩।୧୧(ସମିସ):** କେଶଦୁରାପାଳ ମହିଳା ଆରଆଇ ସବିତା ପଣ୍ଡିତ ଘସିପୁରା ତହସିଲଦାର ନୀଳକଣ୍ଠ ବେହେରାଙ୍କ ବିରୋଧରେ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ଅଭିଯୋଗ କରିବା ପରେ ଘଟଣା ସଂପର୍କରେ ଘସିପୁରା ପୁଲିସ ଦ୍ୱାରା ପଚରା ଉଚରା କରିଥିବା ସୂଚନା ମିଳିଛି। ଆରଆଇ ସବିତାଙ୍କୁ ଗାଳିଗୁଲଜ କରିଥିବାରୁ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ଏନେଇ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆରଆଇଙ୍କ ସ୍ୱାମୀ ଘସିପୁରା ଥାନାରେ ତହସିଲଦାର ଶ୍ରୀ ବେହେରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଘଟଣାଟି ଗତ ୮ ତାରିଖ ଘଟିଥିବା ବେଳେ ଆରଆଇ ଉପଜିଲ୍ଲାପାଳଙ୍କୁ ଭେଟି ତାଙ୍କ ପ୍ରତି ତହସିଲଦାର କରିଥିବା ଅଶୋଭନୀୟ ବ୍ୟବହାର ଅଶ୍ଳୀଳ ଇଙ୍ଗିତ, ଅଶ୍ଳୀଳ ଭାଷା ପ୍ରୟୋଗ ତଥା ମାନସିକ ନିର୍ଯ୍ୟାତନା ସଂପର୍କରେ ଫେରାଦ ହୋଇଛନ୍ତି। ଯଦି କୌଣସି କାମ ପାଇଁ ତହସିଲ କାର୍ଯ୍ୟାଳୟକୁ ରାଜସ୍ୱ ନିରୀକ୍ଷକ ଯାଇଥାନ୍ତି ଫେରିବା ସମୟରେ କୌଣସି କାମ ନଥାଇ ଅଫିସ ସମୟ ପରେ ମଧ୍ୟ ତାଙ୍କୁ ଦେଖା କରିବାକୁ ବାଧ କରାଇଥାନ୍ତି। ସେହିପରି ଅଧିକାଂଶ ସମୟରେ ଅଶ୍ଳୀଳ ଇଙ୍ଗିତ ସହିତ ଅଶ୍ଳୀଳ ଭାଷା ମଧ୍ୟ କହିଥାନ୍ତି। ସେହିପରି ଅଧିକାଂଶ ସମୟରେ ଅଶ୍ଳୀଳ ଇଙ୍ଗିତ ସହ ଅଶ୍ଳୀଳ ଭାଷା ମଧ୍ୟ କହିଥାନ୍ତି। ଏଭଳି ଘଟଣା ପ୍ରଥମ ନୁହେଁ। ଏହା ପୂର୍ବରୁ ଏମିତି ଘଟଣା ମଧ୍ୟ ଘଟିଛି। ତହସିଲ କାର୍ଯ୍ୟାଳୟରେ ଏସଆର ଏଭଳି ଘଟଣାକୁ ପ୍ରତିବାଦ କରିବାରୁ କେସ ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣା ପରେ ସଂପୃକ୍ତ କର୍ମଚାରୀଙ୍କୁ ଆନନ୍ଦପୁର ତହସିଲ କାର୍ଯ୍ୟାଳୟକୁ ବଦଳି କରିଦେଇଥିଲେ। ସେହିପରି ଗତ ୫ ତାରିଖ ସନ୍ଧ୍ୟାରେ ଫୋନ କରି ତହସିଲଦାର ତାଙ୍କୁ ଏକ ରିପୋର୍ଟ ମାଗିଥିଲେ। ୬ ତାରିଖ ତଦନ୍ତ ରିପୋର୍ଟ ଏବଂ ନକ୍ସା ସହ ଅଫିସରେ ଦାଖଲ କରିବେ ବୋଲି କହିଥିଲେ। ୭ ତାରିଖ ଆରଆଇ ସମସ୍ତ ରିପୋର୍ଟ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଘଟଣାର ତଦନ୍ତ କରି ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଚୋର ଖାଇଗଲେ ଦହି ରାବିଡ଼ି ଲସି

**ତୁରୁମୁଙ୍ଗା, ୧୩।୧୧(ସମିସ):** ତୁରୁମୁଙ୍ଗା ବଜାରରେ ଚୋରଙ୍କ ଅଜବ କାରନାମା। ଓମଫେଡ ଦୋକାନର ତାଲା ଭାଙ୍ଗି ଦୋକାନ ଭିତରେ ପଶି ଦହି, ରାବିଡ଼ି, ଲସି ଖାଇବା ସହ ଲୁଟିନେଇଛନ୍ତି ଅମୁଲ୍ କୁଲ୍। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ଓମଫେଡ୍ ପାର୍ଲର୍ ତାଲା ଭାଙ୍ଗି ଏପରି କାରନାମା କରିଛନ୍ତି। ରାତିରେ ୩ଟି ଦୋକାନର ତାଲାଭାଙ୍ଗି ସିରିଜ୍ ଲୁଟ୍ କରିଛନ୍ତି। ଦୋକାନ ମାଲିକ ଗଗନ ସାହୁ ସକାଳୁ ଏସବୁ ଦେଖି ଥାନାରେ ଏତଲା ଦେଇଛନ୍ତି। ଦୋକାନ ଟଙ୍କା ବାକ୍ସରୁ ମଧ୍ୟ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିବା ବେଳେ ପାଖରେ ଥିବା ଏକ ଚା' ଦୋକାନ ଏବଂ ସାର ଦୋକାନରୁ ମଧ୍ୟ ସମାନ ଢଙ୍ଗରେ ତାଲା ଭାଙ୍ଗି ଚୋରି ହୋଇଛି। ତୁରୁମୁଙ୍ଗା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ପାଟ୍ରୋଲିଂ ଅଭାବରୁ ମୟୂରଭଞ୍ଜ-କେନ୍ଦୁଝର ସୀମାନ୍ତରେ ଏଭଳି ବାରମ୍ବାର ଚୋରି ହେଉଥିବା ନେଇ ବ୍ୟବସାୟୀ ମହଲରେ ଚିନ୍ତା ପ୍ରକଟ କରାଯାଇଛି।

## ମଣ୍ଡଳସ୍ତରୀୟ ଗଣିତ ଓ ବିଜ୍ଞାନ ମେଳା



**ତେଲକୋଇ, ୧୩।୧୧(ସମିସ):** ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ଥିବା ବାଳିକା ଉଚ୍ଚବିଦ୍ୟାଳୟରେ ବୁଧବାର ମଣ୍ଡଳସ୍ତରୀୟ ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଅଭିଯାନ ଅନ୍ତର୍ଗତ ସମଗ୍ର ଶିକ୍ଷା ଅଧୀନରେ ଆୟୋଜିତ ମେଳାରେ ୭ଟି ବିଭାଗରେ ମୋଟ୍ ୧୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୭ ଜଣ ଛାତ୍ରଛାତ୍ରୀ ୭ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ଗଣିତ ଓ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସୁବାସଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଅଧ୍ୟାପିକା ପାର୍ବତୀ ସାହୁ, ଅଧ୍ୟାପକ ନରେନ୍ଦ୍ର ଶତପଥୀ, ଦିଲ୍ଲୀପ ପଇଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ସାହୁ, ବସୁଦେବ ମହାନ୍ତ, କଲେଜ ଅଧକ୍ଷ ପାଣ୍ଡବ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନ୍ଦ୍ର ସାହୁ, ସରପଞ୍ଚ ପାଙ୍ଗେଲା ମୁଣ୍ଡା ସାମିଲ ରହିଥିଲେ।

## ଖୁବ୍‌ଶୀଘ୍ର ହେବ ଭୂଇଁପୁର ଜାଲି ରାସ୍ତା



**ତୁରୁମୁଙ୍ଗା, ୧୩।୧୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ପଞ୍ଚାୟତକୁ ରାସ୍ତା ନଥିବାରୁ ପଞ୍ଚାୟତ ମୁଖ୍ୟାଳୟକୁ ଯାଇପାରୁ ନଥିଲା ଲକ୍ଷ୍ମୀ ବସ୍। ଗ୍ରାମବାସୀ ପ୍ରଶାସନକୁ ବାରମ୍ବାର ଗୁହାରି ପରେ ବି କେହି କର୍ଣ୍ଣପାତ କରୁ ନଥିଲେ। ଏପରିକି ବିଧାୟକ ମଧ୍ୟ ଗୁରୁତ୍ୱ ଦେଉ ନଥିବାରୁ ଗ୍ରାମବାସୀ ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କାମ ଆରମ୍ଭ କରିଥିଲେ। 'ସକାଳ'ରେ ଖବର ପ୍ରକାଶ ପରେ ଚେତିଛି ଚମ୍ପୁଆ ବ୍ଲକ ପ୍ରଶାସନ। ବୁଧବାର ଚମ୍ପୁଆ ବିଡିଓ ଜାଲି ଗ୍ରାମରେ ପହଞ୍ଚି ରାସ୍ତାର ଅବସ୍ଥା ସମ୍ପର୍କରେ ଯାଞ୍ଚ କରିବା ପରେ ଖୁବଶୀଘ୍ର ରାସ୍ତା କାମ କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଚମ୍ପୁଆ ବ୍ଲକ ଭୂଇଁପୁରଠାରୁ ଜାଲି ପଞ୍ଚାୟତ ଯାଏଁ ସଂଯୋଗ କରୁଥିବା ୩ କିଲୋମିଟର ରାସ୍ତା ମରାମତି ଅଭାବରୁ ଗମନାଗମନ ପାଇଁ ଅନୁପଯୋଗୀ ହୋଇପଡିଥିଲା। ଯାହାକୁ ନେଇ ଜାଲି ପଞ୍ଚାୟତକୁ ଲକ୍ଷ୍ମୀ ଯୋଜନା ବସ୍ ଭୂଇଁପୁରଠାରୁ ଫେରି ଆସୁଥିବାବେଳେ ବସ୍ ସେବା ରୁ ବଞ୍ଚିତ ହୋଇଥିଲେ ଜାଲି ପଞ୍ଚାୟତବାସୀ। ରାସ୍ତା ପାଇଁ ପ୍ରଶାସନକୁ ଗୁହାରି ପରେ ମଧ୍ୟ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଶେଷରେ ଗ୍ରାମବାସୀ ନିଜେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଖବର ପ୍ରକାଶ ପରେ ରାସ୍ତା ନିର୍ମାଣ ପାଇଁ ତତ୍ପରତା ଦେଖାଇଛି ଚମ୍ପୁଆ ବ୍ଲକ ପ୍ରଶାସନ। ଚମ୍ପୁଆ ବିଡିଓ ରାଜାରଞ୍ଜିତ ପ୍ରତାପ ବଳଙ୍କ ସହ ସହକାରୀ ଯନ୍ତ୍ରୀ ଅମୂଲ୍ୟ ଦାଶ, କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ସୁତାର ଜାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକନାଥ ସାହୁ ସମ୍ପୃକ୍ତ ରାସ୍ତା ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ରାସ୍ତା କାମ ଆରମ୍ଭ କରିବାକୁ ବିଡିଓ ଗ୍ରାମବାସୀଙ୍କୁ କହିଛନ୍ତି। ଉକ୍ତ ରାସ୍ତା ମନରେଗା ଗ୍ରାମ୍ୟ ଉନ୍ନୟନ ବିଭାଗ ସହାୟତାରେ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର, ୧୩।୧୧(ସମିସ)**

ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ, କେନ୍ଦୁଝର ଦ୍ୱାରା ଆୟୋଜିତ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ୨୦୨୪-୨୫ ବୁଧବାର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଗୌରିରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ସମ୍ମାନିତଅତିଥି ଭାବେ କେନ୍ଦୁଝର ମ୍ୟୁନିସିପାଲିଟିର ଅଧ୍ୟକ୍ଷ ନିକୁ ସାହୁ, ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକା, ଅଜୟ ପାତ୍ର ପ୍ରମୁଖ ଖେଳାଳି ସମୂହ ସହ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିଥିଲେ।

୧୭ ବର୍ଷରୁ କମ୍ ବାଳକ ବର୍ଗରେ କେନ୍ଦୁଝର ଜିଲ୍ଲା ଚାମ୍ପିଅନ ଓ ଭୁବନେଶ୍ୱର ରନର୍ସ ଅପ୍, ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱର ଚାମ୍ପିଅନ ଓ ଜଗତସିଂହପୁର




ଜିଲ୍ଲା ରନର୍ସ ଅପ୍, ୧୪ ବର୍ଷରୁ କମ୍ ବାଳକ ବର୍ଗରେ କେନ୍ଦୁଝର ଜିଲ୍ଲା ଚାମ୍ପିଅନ ଓ ନବରଙ୍ଗପୁର ଜିଲ୍ଲା ରନର୍ସ ଅପ୍, ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱର ଚାମ୍ପିଅନ ଓ ସୁନ୍ଦରଗଡ଼ ଜିଲ୍ଲା ରନର୍ସ ଅପ୍ ହୋଇଥିଲେ।

ଚଳିତବର୍ଷ ଭୁବନେଶ୍ୱରର ଜିତେନ ବାଗ ୧୦୦ ମି ଦୌଡ଼ ପ୍ରତିଯୋଗିତାକୁ ୧୦.୭୪ ସେକେଣ୍ଡରେ ଅତିକ୍ରମ କରି ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସଦର ଗୋଷ୍ଠୀ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା, ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ବାଂଶପାଳ ଗୋଷ୍ଠୀ ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ତେଲକୋଇ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଚମ୍ପୁଆ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ ସାହୁ, ହରିଚନ୍ଦନପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ରାଉତ, ହାଟଡିହି ଗୋଷ୍ଠୀଧିକାରୀ ଓଁକାର ଅନ୍ୱେଷ, ଧରଣୀଧର କ୍ରୀଡ଼ା ଛାତ୍ରାବାସ ପରିଚାଳକ ଜିତେନ୍ଦ୍ର ମହାକୁଡ଼, ଡିଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି, ଏନ୍‌ଏସ୍ ପୁଲିସ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ସନ୍‌ଥେଭଞ୍ଜ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତ, ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ, ଜନାର୍ଦ୍ଦନପୁରର ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପରିଡ଼ା ପ୍ରମୁଖ ପରିଚାଳନା ଦାୟିତ୍ୱରେ ରହିଥିଲେ। କେନ୍ଦୁଝର ଓଷ୍ଟା ସଭାପତି ରଘୁନାଥ ବେହେରା, ଉପସଭାପତି ମନ୍ମଥ ମହାନ୍ତ, ଶିକ୍ଷକ ଗୁରୁଦେବ ମହାନ୍ତ, ବିଜୟ ବେହେରା, ସୌଭାଗ୍ୟ ଦାସ, ସୁରେଶଚନ୍ଦ୍ର ନାୟକ, ଅଜ୍ଞାନ ଚାନ୍ଦ, କ୍ରୀଡ଼ା ଶିକ୍ଷକ ପ୍ରଦୀପ ବାରିକ, ଜଗବନ୍ଧୁ ମହାନ୍ତ, ରଞ୍ଜନ ମହାନ୍ତ, ସୁରେଶ ଭୂୟାଁ, ଲକ୍ଷ୍ମୀ ନାରାୟଣ ସି, ସୁରେଶ ପଲେଇ, ନିରଞ୍ଜନ ଦେହୁରୀ, କ୍ଷୀରୋଦ ବେହେରା, ସଦାଶିବ ମହାପାତ୍ର, ଲମ୍ବୋଦର ମହାନ୍ତ, ସମରଜିତ ସିଂ, ଦେବାଶିଷ ରାଉତ, ତୃପ୍ତିମୟୀ ବାରିକ, ଜ୍ୟୋତି କମଲ, ଭାଗ୍ୟଶ୍ରୀ ମହାନ୍ତ, ପ୍ରିୟଙ୍କା ମହାନ୍ତ ସହଯୋଗ କରିଥିଲେ। ଏବିସିଡିଆର୍ ୟୁନାଇଟେଡ ଅଙ୍ଗିକଳାର ଶିକ୍ଷୟିତ୍ରୀ ସମୟଶ୍ରୀ ଚାଟାର୍ଜୀ ମଞ୍ଚ ସଞ୍ଚାଳନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଫକୀର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

